## ସଂକ୍ଷେପରେ

### ନଡ଼ିଆ ଚାଷୀ ସଂଗଠନର ବୈଠକ

ଡେରାବିଶ, ୩୦।୭ (ସ୍ୱ.ପ୍ର.): ଡେରାବିଶ ବ୍ଲକ ଚାନ୍ଦୋଳଠାରେ କେନ୍ଦ୍ରାପଡ଼ା ଜିଲା ନଡ଼ିଆ ଚାଷୀ ସଂଗଠନର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲା ନାରିକେଳ ସମବାୟ ସମିତି ସମୂହ ସଂଯୋଜକ ସନାତନ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଖୋର୍ଦ୍ଧା ଜିଲା ପିତାପଲ୍ଲୀସ୍ଥିତ ରାଜ୍ୟ ନାରୀକେଳ ଉନ୍ନୟନ ସଂସ୍ଥା ଉପ ନିର୍ଦ୍ଦେଶକ ରଜତ କୁମାର ପାଲ୍ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବୁଢ଼ୀ ଜାଗୁଳାଇ ନାରିକେଳ ସମବାୟ ସମିତି ସଭାନେତ୍ରୀ ସିପ୍ରା ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ବୈଠକରେ ନଡ଼ିଆ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷକରି ଚାଷୀମାନେ ଅଧିକ ନଡ଼ିଆ ଉତ୍ପାଦନ ପାଇଁ ସରକାରଙ୍କ ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ଓ ଉଚିତ ପାରିଶ୍ରମିକ ସହ ଅଧିକ ଲାଭ ପାଇବା ପାଇଁ ବ୍ୟବସ୍ଥା କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲାରେ ଥିବା ୧୨ ନାରିକେଳ ସମବାୟ ସମିତିର ସଭ୍ୟାସଭ୍ୟ ଯୋଗଦେଇଥିଲେ। ଶେଷରେ ଜୟ ହନୁମାନ ନାରିକେଳ ସମବାୟ ସମିତିର ସଂଯୋଜିକା ରଶ୍ମିତା ପାତ୍ର ଧନ୍ୟବାଦ ଦେଇଥିଲେ। ମିନକେତନ ଖୁଣ୍ଟିଆ, ଭଞ୍ଜନ କୁମାର ରଥ, ସଞ୍ଜୟ କୁମାର ମହାନ୍ତି ଓ ଗାୟତ୍ରୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

### ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ




ପାଟକୁରା, ୩୦।୭ (ଡି.ଏନ୍.ଏ.): ଗରଦପୁର ବ୍ଲକ ଅଧୀନ ତେଣ୍ଡାକୁଡ଼ା ବିଜୟ ମହାବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ସୋମବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ତ୍ରିଲୋଚନ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷା ବିଭାଗ ଅଧାପକ ବସନ୍ତ କୁମାର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଦ୍ୱିତୀୟ ବର୍ଷ ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଉତ୍ସବରେ ଜଗତ୍‌ସିଂହପୁର ଆଇଡିବିଆଇ ବ୍ୟାଙ୍କ ଶାଖା ପରିଚାଳକ ସୁଧାଂଶୁ ମୋହନ ରାଉତ ମୁଖ୍ୟଅତିଥି, ଜଗତ୍‌ସିଂହପୁର ଜିଲାସ୍ଥିତ ସ୍ୱାମୀ ଅରୂପାନନ୍ଦ ମହାବିଦ୍ୟାଳୟ ଅଧକ୍ଷ ସୁଶାନ୍ତ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଉତ୍ସବରେ ରାଜନୀତି ବିଜ୍ଞାନ ଅଧାପକ ବିଭୁତି ଭୂଷଣ ବେଉରା, ଉର୍ଦ୍ଦୁ ବିଭାଗ ଅଧାପକ ଏମ୍‌ଡି ମୋବିନ, ଓଡ଼ିଆ ବିଭାଗ ଅଧାପକ ଉମାକାନ୍ତ ମଲିକ, ପାଞ୍ଚାଳି ମହାନ୍ତି, ବାଣିଜ୍ୟ ବିଭାଗ ଅଧାପକ ବିଶ୍ୱଜିତ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଯୁକ୍ତ ୨ ଦ୍ୱିତୀୟ ବର୍ଷ କଳା ଛାତ୍ରୀ ନସିର ବସିରତ ଓ ଗାଜଲ ପରୱିନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବାଣିଜ୍ୟ ବିଭାଗ ଛାତ୍ରୀ ରାଜଦର୍ଶିନୀ ସାହୁଙ୍କୁ ୨୦୧୮-୧୯ ଶିକ୍ଷା ବର୍ଷର ବେଷ୍ଟ ଷ୍ଟୁଡେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିଲା।

■ ଘରଖଣ୍ଡେ ଲାଗି ଜିଲାପାଳଙ୍କୁ ଗୁହାରି

# ବର୍ଷକ ପରେ ତଦନ୍ତ କଲେ ବିଡିଓ

ଆଳି, ୩୦।୭ (ଡି.ଏନ୍.ଏ.)

ଆଳି ବ୍ଲକ ଅଞ୍ଚଳରେ ପ୍ରହସନ ପାଲଟିଛି ଆବାସ ଯୋଜନା।ବ୍ଲକ ଅଞ୍ଚଳରେ ବହୁ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବାଦ ପଡ଼ିଥିବା ବେଳେ କେତଜଣ ଭଙ୍ଗା କୁଡ଼ିଆରେ ଦିନ କାଟୁଛନ୍ତି। ବାରମ୍ବାର ଅଭିଯୋଗ କରିବା ପରେ ବି ଘର ବଖରାଏ ମିଳୁନି। ଘର ଖଣ୍ଡେ ଯୋଗାଇଦେବା ପାଇଁ ବର୍ଷକ ତଳେ ଜିଲାପାଳଙ୍କୁ ଅଭିଯୋଗ କରିଥିବା ବେଳେ ଗତ ସୋମବାର ତଦନ୍ତ କରି ଫେରିଛନ୍ତି ବିଡିଓ। ତେବେ ଜିଲାପାଳଙ୍କ ନିର୍ଦ୍ଦେଶର ବର୍ଷକ ପରେ ବିଡିଓ ତଦନ୍ତ କରୁଥିବା ବେଳେ ଜଣେ ଅସହାୟଙ୍କୁ ଘରଟିଏ କେବେ ମିଳିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତର ଗୋପ ଗ୍ରାମରେ।

ଗ୍ରାମର ରାମଚନ୍ଦ୍ର ସାହୁ ଓ ତାଙ୍କ ମା' ସରସ୍ୱତୀ ଦୀର୍ଘ ଦେଢ଼ବର୍ଷ ହେବ ଏକ ଭଙ୍ଗା କୁଡ଼ିଆରେ ବସବାସ ରହୁଛନ୍ତି। ଏ ନେଇ ରାମଚନ୍ଦ୍ର ତତ୍କାଳୀନ ଜିଲାପାଳ ରେଘୁ ଜୀ.ଙ୍କୁ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଥିଲେ। ଏହାପରେ ପୁଣି ଥରେ ୨୦୧୮ ଅଗଷ୍ଟ ୧୩ ତାରିଖରେ ତତ୍କାଳୀନ ଜିଲାପାଳ ଦାଶରଥୀ ଶତପଥୀଙ୍କୁ ଘରଟିଏ ପାଇଁ ଗୁହାରି କରିଥିଲେ। ଏହାର ତଦନ୍ତ ପାଇଁ ଜିଲାପାଳ ସ୍ଥାନୀୟ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଦୀର୍ଘଦିନ ପରେ ବିଡିଓ ଜୟନ୍ତ ପୃଷ୍ଟି ଗତ ସୋମବାର ରାମଚନ୍ଦ୍ରଙ୍କ ଘରକୁ ଯାଇ ତଦନ୍ତ କରି ଫେରିଛନ୍ତି। ତେବେ ରାମଚନ୍ଦ୍ରଙ୍କୁ ତୁରନ୍ତ ଘର ଯୋଗାଇ ଦିଆଯିବାର ବନ୍ଦୋବସ୍ତ କରାଯିବ ବୋଲି ବିଡିଓ ପୃଷ୍ଟି କହିଛନ୍ତି। ବିଡିଓଙ୍କ ଗସ୍ତ ସମୟରେ ମେଣ୍ଟପୁର ସରପଞ୍ଚ ପ୍ରତାପ ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜୟନ୍ତ କୁମାର ବେହେରା ଓ ଜିଆରଏସ ଅକ୍ଷୟ କୁମାର ମହାନ୍ତି ଉପସ୍ଥିତ ଥିଲେ। ଦୀର୍ଘ ବର୍ଷକ ପରେ ବିଡିଓ ତଦନ୍ତ ପାଇଁ ଆସିଥିବା ବେଳେ ପ୍ରକୃତରେ ଘର କେବେ ମିଳିବ ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ସରସ୍ୱତୀ କୁହନ୍ତି, ଆଗରୁ ଚାଳ ଭାଙ୍ଗି ଯାଇଥିବା ବେଳେ କାନ୍ଥସବୁ ଅଧା ଭଙ୍ଗା ହୋଇ ରହିଥିଲା। ଜିଲାପାଳଙ୍କୁ ଗୁହାରି କଲା ପରେ ବି ଘର ଖଣ୍ଡେ ମିଳିଲାନି। ତେବେ ଫନୀ ବାତ୍ୟା ଘର ସମ୍ପୂର୍ଣ୍ଣ ଭାଙ୍ଗିଦେଲା। ଘରର ତିନି ପାର୍ଶ୍ୱର କାନ୍ଥ ଗଳି ପଡ଼ିଥିବା ବେଳେ ଚାଳ ଭାଙ୍ଗି ଯାଇଥିବାରୁ ଘର ଭିତରେ ବର୍ଷା ଗାଳୁଛି। ମା'ପୁଅ ଅତି କଷ୍ଟରେ ଦିନ କାଟୁଛୁ। ସରକାର ଆମ ଦୁଃଖ ନ ଶୁଣିଲେ ନାହିଁ, ଯେତିକି ଦିନ ବଞ୍ଚିବି ଏହି ଭଙ୍ଗା କୁଡ଼ିଆରେ ରହିବି ବୋଲି କୋହଭରା କଣ୍ଠରେ ସରସ୍ୱତୀ କହିଛନ୍ତି।


ବିଡିଓ ଜୟନ୍ତ କୁମାର ପୃଷ୍ଟି ରାମଚନ୍ଦ୍ରଙ୍କ ଘର ଦେଖୁଛନ୍ତି।

# ରାଜକନିକାକୁ ମରୁଡ଼ି ଅଞ୍ଚଳ ଘୋଷଣା ଦାବି


ଚାଷୀ ସମାବେଶରେ ନବ ନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା ଓ ଅନ୍ୟମାନେ।

ରାଜକନିକା,୩୦।୭,(ଡି.ଏନ୍.ଏ.)

ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ରାଜକନିକା ବ୍ଲକକୁ ମରୁଡି ଘୋଷଣା ଦାବି କରାଯାଇଛି। ଏନେଇ ମଙ୍ଗଳବାର ବ୍ଲକ ଅନ୍ତର୍ଗତ ଚରପଡ଼ାଠାରେ ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଜକନିକା ବ୍ଲକ ନବନିର୍ମାଣ କୃଷକ ସଂଗଠନର ସହ ସଂଯୋଜକ ପିତବାସ ନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ଚଳିତ ବର୍ଷ ବର୍ଷା ଅଭାବରୁ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ସମାବେଶରେ କୁହାଯାଇଥିଲା। ପ୍ରବଳ ଖରା ସହ ଅନିୟମିତ ବର୍ଷା ଯୋଗୁ ଚାଷଜମି ଫାଟି ଯାଇଥିବା ବେଳେ ଧାନଗଛଗୁଡିକ ଜଳିଯାଉଛି । ଖେତ୍ରରେ ଟୋପାଏ ପାଣି ନଥିବାରୁ ଫସଲ ଉଜୁଡି ଯାଇଛି। ଚାଷୀ ନିକଟସ୍ଥ ସମବାୟ ସମିତିରୁ ଋଣ ଆଣି ଚାଷ କାର୍ଯ୍ୟ କରିଥିବା ବେଳେ ଏବେ କିପରି ଶୁଝିବେ ସେନେଇ ଚିନ୍ତିତ ହୋଇ ପଡିଛନ୍ତି। ମରୁଡ଼ି ଆଶଙ୍କାରେ ଚାଷୀଙ୍କ ନିଦ ହଜିଯାଇଛି। ଏନେଇ ବ୍ଲକର ୨୯ ପଞ୍ଚାୟତକୁ ମରୁଡି ଅଞ୍ଚଳ ଭାବେ ଘୋଷଣା କରିବାକୁ ସଂଗଠନ ପକ୍ଷରୁ ଦାବି ହୋଇଛି। ଏଥିସହ ରାଜକନିକା ଅଞ୍ଚଳରେ କେନାଲ ଜଳ ସେଚନ ପାଇଁ ବ୍ୟବସ୍ଥା , ଚାଷୀଙ୍କ ଋଣ ନବୀକରଣ ଓ ଚାଷରେ ହୋଇଥିବା କ୍ଷୟକ୍ଷତି ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି। ଏନେଇ ତୁରନ୍ତ ପଦକ୍ଷେପ ନିଆ ନଗଲେ ଚାଷୀମାନେ ବାଧ୍ୟ ହୋଇ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ସମାବେଶରେ ବରିଷ୍ଠ ଚାଷୀ ଦୋଳ ଗୋବିନ୍ଦ ବାରିକ, ବୈଷ୍ଣବ ମିଶ୍ର , କାଳନ୍ଦୀ ଚରଣ ସାମଲ, ଯତିନ୍ଦ୍ର ପାଣ୍ଡବ, ନିତ୍ୟାନନ୍ଦ ସାମଲ ଓ ଉପେନ୍ଦ୍ର ନାୟକ ପ୍ରମୁଖ ସାମିଲ ହୋଇଥିଲେ।

### ମୋ ସ୍କୁଲ ଅଭିଯାନର ସମୀକ୍ଷା ବୈଠକ

# ୩୦ ବିଦ୍ୟାଳୟରେ ନାହିଁ ପାନୀୟ ଜଳ ବ୍ୟବସ୍ଥା

କେନ୍ଦ୍ରାପଡା ଅଫିସ, ୩୦।୭

ଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ମୋ ସ୍କୁଲ ଅଭିଯାନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୩୦ ବିଦ୍ୟାଳୟରେ ପାନୀୟ ଜଳର ବ୍ୟବସ୍ଥା ନ ଥିବା ସୂଚନା ମିଳିଛି। ଏହାଛଡା ଜିଲାର ୪୪୬ଟି ବିଦ୍ୟାଳୟରେ ପାଇଖାନା ଓ ୫୦୨ ବିଦ୍ୟାଳୟରେ ବିଦ୍ୟୁତ ସେବାର ବ୍ୟବସ୍ଥା ନାହିଁ। ୨୭ ବିଦ୍ୟାଳୟରେ ବିଦ୍ୟୁତ୍ ସେବା ଥିଲେ ମଧ୍ୟ ଅଦ୍ୟାବଧି ଏହା କାର୍ଯ୍ୟକାରୀ ହୋଇପାରୁନାହିଁ ବୋଲି ବୈଠକରେ ଉପସ୍ଥାପିତ ହୋଇଥିଲା। ଅପରାହ୍ନରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲାପାଳ ସମର୍ଥ ବର୍ମା ଅଧକ୍ଷତା କରିଥିଲେ। ଏହି ଅବସରରେ ସେ ଶିକ୍ଷା ବିଭାଗ ଅଧିକାରୀଙ୍କୁ ରାଜ୍ୟ ସରକାରଙ୍କ ଫାଇଭ ଟି (ଟ୍ରାନ୍ସପାରାନ୍ସି, ଟେକ୍ନୋଲୋଜି, ଟିମ୍‌ୱାର୍କ, ଟ୍ରାନ୍ସଫରମେସନ ଓ ଟାଇମ) ସମ୍ପର୍କରେ ଅବଗତ କରାଇଥିଲେ । ବିଭିନ୍ନ ବିଦ୍ୟାଳୟରେ ଅଭାବ ଥିବା ଭିତ୍ତିଭୂମିର ପୂରଣ ପାଇଁ ପୂର୍ବ ଛାତ୍ରୀଛାତ୍ରଙ୍କୁ ସାମିଲ କରି ଅଭିଯାନ ସଫଳ କରିବାକୁ ଆହ୍ୱାନ ଦେଇଥିଲେ । ଏଥିସହ ଶିକ୍ଷା କ୍ଷେତ୍ରରେ ଥିବା କର୍ମଚାରୀଙ୍କ ଅବହେଳା ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଥିଲେ । ଛାତ୍ରୀଛାତ୍ର, ଶିକ୍ଷକଙ୍କ ଉପସ୍ଥାନ, ଡିଇଓ ଏବଂ ବିଇଓ କାର୍ଯ୍ୟାଳୟରେ ବାୟୋମାଟ୍ରିକ ଲଗାଇବାକୁ ଜିଲାପାଳ ବର୍ମା ଗୁରୁତ୍ୱ ଦେଇଥିଲେ । ସେହିପରି ପାଠାଗାର ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ସହ ବୃକ୍ଷରୋପଣ ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଡିଇଓ କଳ୍ପନା ବେହେରା, ଡ. ସେକ ସମସୁର ଆଫିନ, ଡିଆଇଇଟି ଅଧକ୍ଷା ମୀନାକ୍ଷୀ ମହାପାତ୍ର, ମୋ ସ୍କୁଲ ଅଭିଯାନ ସଦସ୍ୟ ଡ. ବାସୁଦେବ ଦାସ, ପୂର୍ବତନ ପୌରାଧକ୍ଷ ଧିରେନ ସାହୁ ଓ ଶିକ୍ଷାବିତ୍ ହେମନ୍ତ ଜେନା ପ୍ରମୁଖ ସାମିଲ ହୋଇଥିଲେ ।


ବୈଠକରେ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

### ୫ ଦିନିଆ ଯୋଗ ଶିକ୍ଷା ଶିବିର ଉଦ୍‌ଯାପିତ

କେନ୍ଦ୍ରାପଡା ଅଫିସ, ୩୦।୭

ସହରର ମୀରପାଟଣାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଗତ ୫ ଦିନ ଧରି ଚାଲିଥିବା ଯୋଗ ଶିକ୍ଷା ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ପତଞ୍ଜଳି ଯୋଗ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ପବିତ୍ର ମହାନ୍ତି ଯୋଗଦେଇ ୩୦ରୁ ଊର୍ଦ୍ଧ୍ୱ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସୁବାସ ଚନ୍ଦ୍ର ଖୁଣ୍ଟିଆ ଓ ଶିକ୍ଷକ ନୃସିଂହ ଚରଣ ତ୍ରିପାଠୀ ଉପସ୍ଥିତ ରହି ଶିବିରର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ବୃକ୍ଷ ଚାରା ପ୍ରଦାନ କରିଥିଲେ ।

### ୨ ବଖରା ଜଳିଗଲା

ଡେରାବିଶ, ୩୦।୭ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅଧୀନ ଅର୍ଡାମୂଳ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ତରଙ୍ଗିଣୀ ମଲ୍ଲିକଙ୍କ ଦୁଇ ବଖରା ଜଳିଯାଇଛି। ତରଙ୍ଗୀନି ରୋଷେଇ କରୁଥିବା ବେଳେ ଚୁଲିରୁ ନିଆଁ ବାହାରି ଚାଳରେ ଲାଗି ଲାଗିଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀଙ୍କୁ ଖବର ଦେଇଥିଲେ। ଖବରପାଇ ନିଶ୍ଚିନ୍ତକୋଇଲି ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲ। ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବପତ୍ର ଓ ବର୍ଷକର ଖାଦ୍ୟ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। କେବଳ ପିନ୍ଧାବସ୍ତ୍ର ଛଡ଼ା ଅନ୍ୟ କୌଣସି ସାମଗ୍ରୀ ଉଦ୍ଧାର କରାଯାଇ ପାରିନାହିଁ। ବିଧବା ତରଙ୍ଗିନୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷାଙ୍କ ଜିଲା ଗସ୍ତ


ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ପିଲାମାନଙ୍କୁ ସାମଗ୍ରୀ ପ୍ରଦାନ କରୁଛନ୍ତି।

କେନ୍ଦ୍ରାପଡା ଅଫିସ, ୩୦।୭

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଓ ସଦସ୍ୟା ମନ୍ଦାକିନୀ କର ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲା ଗସ୍ତ କରିଛନ୍ତି । ଏହି ଅବସରରେ ସେ ଶିଶୁ ଯତ୍ନ ଅନୁଷ୍ଠାନ ଲୁଥେରାନ ମହିଳା ସମିତି ଓ ପଲ୍ଲୀଶ୍ରୀ ମହିଳା ସମିତିକୁ ଯାଇ ଶିଶୁଙ୍କ ଯତ୍ନ ସମ୍ପର୍କରେ ବୁଝିଥିଲେ। କେତେଜଣ ପିଲାଙ୍କୁ ଉପଯୋଗୀ ସାମଗ୍ରୀ ପ୍ରଦାନ କରିଥିଲେ । ଏଥିସହ କିଶୋର ନ୍ୟାୟ ଅଧକ୍ଷ ବିଶ୍ୱରଞ୍ଜନଙ୍କ ସହ ଆଲୋଚନା କରିଥିଲେ। ତାଙ୍କର ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଶାଖାର ବାଦଲ ଦାଶ ଓ ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷା ସ୍ମିତାଞ୍ଜଳୀ ପ୍ରଧାନ ସାମିଲ ହୋଇଥିଲେ।

### ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଶ୍ରାଦ୍ଧବାର୍ଷିକୀ

କେନ୍ଦ୍ରାପଡା ଅଫିସ, ୩୦।୭

ଅଲ ଇଣ୍ଡିଆ ମହିଳା ସଂଗଠନ କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ମାନବବାଦୀ ନେତା ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ୧୨୮ ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ମଙ୍ଗଳବାର ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ସହରର ଗରାପୁରସ୍ଥିତ ସଞ୍ଜୀବନୀ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରମିକ ନେତା ପବିତ୍ର ମୋହନ ପଟ୍ଟନାୟକ ଅଧକ୍ଷତା କରିଥିଲେ। ସଭାରେ ପ୍ରାଧ୍ୟାପକ ବିରେନ୍ଦ୍ର ନାୟକ ଓ ରାଜ୍ୟ ସମ୍ପାଦିକା ସ୍ୱୟଂପ୍ରଭା ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ବିଦ୍ୟାସାଗରଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାକୁ ଜିଲା ସମ୍ପାଦିକା ହୀରାମଣୀ ରାଉତ ଓ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।

■ ବାଲକାଟିରେ ଡେଙ୍ଗୁ ଚିହ୍ନଟ

# ପହଞ୍ଚିଲା ମେଡିକାଲ ଟିମ୍, ୮ ରକ୍ତ ନମୁନା ସଂଗୃହୀତ

ଆଳି, ୩୦।୭ (ଡି.ଏନ୍.ଏ.)

ଆଳି ବ୍ଲକ ବାଲକାଟି ପଞ୍ଚାୟତର ୧ ନମ୍ବର ୱାର୍ଡରେ ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ ହେବା ଓ ୨୫ ରୁ ଊର୍ଦ୍ଧ୍ୱ ଜ୍ୱରରେ ଆକ୍ରାନ୍ତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଦେଖାଦେଇଛି। ତେବେ ମଙ୍ଗଳବାର ଜିଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏକ ଟିମ୍ ଡେଙ୍ଗୁ ପ୍ରଭାବିତ ଅଞ୍ଚଳରେ ପହଞ୍ଚି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ୮ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରି ଫେରିଛନ୍ତି। ଏହି ଟିମ୍‌ରେ ଡାକ୍ତର ମୃତ୍ୟୁଞ୍ଜୟ ତରାଇ, ଜିଲା ବାହକ ଜନିତ ରୋଗ ନିୟନ୍ତ୍ରଣ ଟେକନିକାଲ ସୁପରଭାଇଜର ସତ୍ୟବ୍ରତ ନାୟକ, ସ୍ୱାସ୍ଥ୍ୟକର୍ମୀ ଧ୍ରୁବରାଜ ମୁର୍ମୁ, ଆଶିଷ ଜେନା ଓ ସାଗରିକା ବିଶ୍ୱାଳ ପ୍ରମୁଖ ଏକ ଟିମ୍‌ରେ ସାମିଲ ଥିଲେ। ଅପରାହ୍ନରେ ଡିପିଏମ୍ ପ୍ରକାଶ କୁମାର ବାନାର୍ଜୀ, ଡିଏଲଓ ପ୍ରଦୀପ୍ତ ଦାସ ଓ ଆଳି ବିପିଓ ଉଷାରାଣୀ ବାରିକ ପହଞ୍ଚି ରୋଗୀମାନଙ୍କୁ ଡେଙ୍ଗୁ ପ୍ରତିରୋଧକ ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଇଛନ୍ତି। ପ୍ରକାଶ ଯେ, ବାଲକାଟି ଗ୍ରାମର ୧ ନଂ. ୱାର୍ଡରେ ବସବାସ କରୁଥିବା ବହୁ ଲୋକ ଗତ ୪ ଦିନ ହେବ ଜ୍ୱରରେ ଆକ୍ରାନ୍ତ ହୋଇ ଆଳି ମେଡିକାଲରେ ଚିକିତ୍ସିତ ହେଉଥିଲେ। ମାତ୍ର ଜ୍ୱର ନ କମିବାରୁ କେତେକଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସୋମବାର ସୁଦ୍ଧା ୧୫ ଜଣ ରୋଗୀ କଟକ ବଡ ଡାକ୍ତର ଖାନାରେ ପହଁଚି ଚିକିତ୍ସିତ ହେଉଥିବା ବେଳେ ମଙ୍ଗଳବାର ଆଉ ୧୦ ଜଣ କଟକ ମେଡିକାଲ ଯାଇଥିବା ଜଣାପଡିଛି। ସୂଚନାଥାଉ କି, ବାଲକାଟି ଗ୍ରାମର ୧ ନଂ. ୱାର୍ଡରେ ଜ୍ୱର ବ୍ୟାପୁଥିବା ଜଣାପଡ଼ିବା ପରେ ସୋମବାର ଆଳି ମେଡିକାଲର ଏକ ଟିମ୍ ସ୍ଥାନୀୟ ଅଞ୍ଚଳ ପରିଦର୍ଶନ କରିବା ସହ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।


ବାଲକାଟି ଗ୍ରାମରେ ମେଡିକାଲ ଟିମ୍ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

# ଚାନ୍ଦୋଳ କଲେଜରେ ପ୍ରବେଶ ଉତ୍ସବ


ପ୍ରବେଶ ଉତ୍ସବରେ ଅତିଥିମାନେ।

ଡେରାବିଶ, ୩୦।୭ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନୟକ ସ୍ମାରକୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ସଭାକକ୍ଷରେ ଅନୁଷ୍ଠିତ ଏହି ପ୍ରବେଶ ଉତ୍ସବରେ ଅଧକ୍ଷ ମଦନ ମୋହନ ଜେନା ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସ୍କୃତ ବିଭାଗ ମୁଖ୍ୟ ଶ୍ରୀମତୀ ଦାସ, ପ୍ରାଧ୍ୟାପକ ଅକ୍ଷୟ କୁମାର ବଳ, ପ୍ରାଧ୍ୟାପକ ଦିଲ୍ଲୀପ କୁମାର ଭୂୟାଁ, ପ୍ରାଧ୍ୟାପକ ବିନୟ କୁମାର ଷଡ଼ଙ୍ଗୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅଧାପକ ଓ କର୍ମଚାରୀ ପରିଷଦ ସମ୍ପାଦକ ତଥା ଓଡ଼ିଆ ବିଭାଗ ମୁଖ୍ୟ ଡା. ଲକ୍ଷ୍ମଣ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଏକାଡେମିକ୍ ବର୍ସାର ଡା. ରାମଚନ୍ଦ୍ର ମହାପାତ୍ର ସଭା ସଂଯୋଜନା କରିଥିଲେ। ଏହି ଅବସରରେ ନବାଗତ ଛାତ୍ରୀଛାତ୍ରମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ସୁନ୍ଦର ଭବିଷ୍ୟତ ଗଢ଼ିବା ପାଇଁ ଅନୁଷ୍ଠାନର ନିୟମ ମାନିବା ସହ ନିଷ୍ଠାପର ଉଦ୍ୟମ କରିବାକୁ ଅତିଥିମାନେ ନବାଗତଙ୍କୁ ପରାମର୍ଶ ଦେଇଥିଲେ। ଅଧାପକ ପ୍ରଦୀପ କୁମାର ରାଉତଙ୍କ ଉଦ୍ୟମରେ ପ୍ରାରମ୍ଭରେ ଆବାହନୀ ସଙ୍ଗୀନ ଗାନ କରାଯାଇଥିଲା। ପ୍ରାଧ୍ୟାପକ ବ୍ରଜକିଶୋର ସ୍ୱାଇଁ, ଅଧାପକ ଅଜୟ କୁମାର ଜେନା, ଅଧାପକ ମାନସ ରଞ୍ଜନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କର୍ମଚାରୀ ସାନ୍ତନୁ କୁମାର ଜେନା, କୁନ୍ତଳା ଦାସ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଜିଲାକୁ ମିଳିନି ଫନୀ ସହାୟତା

■ ତୁରନ୍ତ କ୍ଷତିପୂରଣ ନ ମିଳିଲେ ଭାଜପାର ଆନ୍ଦୋଳନ ଚେତାବନୀ

କେନ୍ଦ୍ରାପଡ଼ା ଅଫିସ୍, ୩୦।୭

ଚଳିତବର୍ଷ ମେ ୩ ତାରିଖରେ ପୁରୀ ଉପକୂଳରେ ଲ୍ୟାଣ୍ଡ ଫଲ୍ କରିଥିଲା ସାମୁଦ୍ରିକ ଝଡ଼ ଫନୀ। ପୁରୀ, ଖୋର୍ଦ୍ଧା ଓ କଟକ ଜିଲାରେ ବିଶେଷ ପ୍ରଭାବ ପଡ଼ିଥିବା ବେଳେ କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁର ଆଦି ଉପକୂଳ ଜିଲାରେ ମଧ ଏହାର ପ୍ରଭାବ ଦେଖାଯାଇଥିଲା। କେନ୍ଦ୍ରାପଡ଼ା ଜିଲାରେ ଶହ ଶହ ଗଛ ଭାଙ୍ଗିଥିବା ବେଳେ ଅନେକ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ବାତ୍ୟାରେ ଜିଲାର ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ହୋଇଥିଲେ। ଏପରି କି ମେ ୧୯ ତାରିଖରେ ପାଟକୁରା ବିଧାନସଭା ଆସନ ପାଇଁ ନିର୍ବାଚନ ହେବାକୁ ଥିବା ବେଳେ ଫନୀ ଯୋଗୁ ଏହାକୁ ସ୍ଥଗିତ ରଖାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ କେନ୍ଦ୍ରାପଡ଼ା ଜିଲାର ବାତ୍ୟାଜନିତ କ୍ଷୟକ୍ଷତି ସମୀକ୍ଷା କରିଥିଲେ। ଇତିମଧ୍ୟରେ ବାତ୍ୟାକୁ ୩ ମାସ ପୂରିବାକୁ ବସିଛି। ହେଲେ ଜିଲାବାସୀଙ୍କୁ ଏଯାଏଁ କ୍ଷତିପୂରଣ ପ୍ରଦାନ କରାଯାଇନାହିଁ, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ମେ ୧୫ ତାରିଖରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ଦିଆଯାଇଥିବା ସୂଚନା ଅନୁସାରେ, ଜିଲାର ସମସ୍ତ ୧୫୯୨ ଗ୍ରାମ ଓ ୨ ପୌରାଞ୍ଚଳର ୪୧ ୱାର୍ଡରେ ବାତ୍ୟାର ପ୍ରଭାବ ଦେଖିବାକୁ ମିଳିଥିଲା। ଏଥିରେ ୪,୮୯,୧୭୭ ଗାଈ, ୬୧,୦୨୩ କୁକୁଡ଼ା ପ୍ରଭାବିତ ହୋଇଥିବା ବେଳେ ୬୫ ଗାଈ ଓ ୯,୫୩୯ କୁକୁଡ଼ା ମରିଥିଲେ। ସେହିପରି ଖରିଫ ଚାଷ ୧୭୫୧ ହେକ୍ଟର, ମୁଗ ୬୫୮୮ ହେକ୍ଟର, ପନିପରିବା ୨୬୫୧ ହେକ୍ଟର, ଫଳ ଚାଷ ୭୮୪ ହେକ୍ଟର ପ୍ରଭାବିତ ହୋଇଥିଲା। ଏଥିସହିତ ୧୩୭୦ ହେକ୍ଟର ଖରିଫ ଚାଷ ଓ ୨୧୬୪ ହେକ୍ଟର ପନିପରିବା ଚାଷ ୩୩ ପ୍ରତିଶତରୁ ଊର୍ଦ୍ଧ୍ୱ ଏବଂ ୭୮୪ ଫଳ ଗଛ ଭାଙ୍ଗିଥିଲା ବୋଲି ସୂଚନା ଦିଆଯାଇଥିଲା। ଅନୁରୂପ ଭାବେ ୧୭ ଘର ସମ୍ପୂର୍ଣ୍ଣ, ୧୨,୨୮୦ ଘର ଆଂଶିକ, ୭୧୬ କୁଡ଼ିଆ ଘର ଓ ୨,୭୭୬ ଗୁହାଳ ନଷ୍ଟ ହୋଇଥିଲା। ବାତ୍ୟା ସମୟରେ ମୋଟ ୧୫,୨୨,୯୦୧ ଅଧିବାସୀ ପ୍ରଭାବିତ ହୋଇଥିବା ବେଳେ ସେମାନଙ୍କ ଲାଗି ୩ ଦିନ ପାଇଁ ରାଶନ ବ୍ୟବସ୍ଥା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ୨,୯୯,୯୮୩ ପରିବାରଙ୍କୁ ୨ ମାସର ରାଶନ ସାମଗ୍ରୀ ଓ ୨,୮୭,୩୬୪ ପରିବାରଙ୍କୁ ୫୦୦ ଟଙ୍କା ଲେଖାଏ ସାହାଯ୍ୟ ମିଳିଛି। ସେହିପରି ଜିଲାର ୧୨୮୦୦ ପରିବାରଙ୍କୁ ପଲିଥିନ ଯୋଗାଇ ଦିଆଯାଇଛି। ତେବେ ଫନୀରେ ଭାଙ୍ଗିଥିବା ଘର ପାଇଁ ୭,୨୪,୪୯,୦୦୦ ଟଙ୍କା, ଚାଷ ସବ୍‌ସିଡି ୧,୨୫,୪୪,୬୮୫ଟଙ୍କା, ପଶୁସମ୍ପଦ ପ୍ରୋତ୍ସାହନ ରାଶି ୧୭,୧୫,୭୫୦ ଟଙ୍କା, କ୍ଷତିଗ୍ରସ୍ତ ମତ୍ସ୍ୟଚାଷୀଙ୍କ ନିମନ୍ତେ ୫,୨୩,୬୭୫ ଟଙ୍କା ଆବଶ୍ୟକ ବୋଲି ପ୍ରଶାସନ ପକ୍ଷରୁ ଦର୍ଶାଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ଜିଲାବାସୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଉ ନ ଥିବା ନେଇ ଭିନ୍ନ ମତ ପ୍ରକାଶ ପାଇଛି।

## ସେମାନେ କୁହନ୍ତି...

–ଏହି ଜିଲାର ଆର୍ଥିକ ସ୍ଥିତି ଭଲ ନୁହେଁ। ଫନୀ କ୍ଷତିପୂରଣ ସହିତ ଜିଲାର ବିକାଶ ପାଇଁ ସ୍ୱତନ୍ତ୍ର ଆବଶ୍ୟକତା ରହିଛି। ରାଜ୍ୟ ସରକାର ତୁରନ୍ତ ଏ ସମ୍ପର୍କରେ ନିଷ୍ପତ୍ତି ନେବା ଦରକାର।

–ବିଧୁଭୂଷଣ ମହାପାତ୍ର, ସାମାଜିକ କର୍ମୀ

– ପାଟକୁରା ବିଧାନସଭା ନିର୍ବାଚନ ପାଇଁ କେନ୍ଦ୍ରାପଡ଼ା ଜିଲାରେ ଫନୀ ବାତ୍ୟାର ଗୁରୁତ୍ୱ ବଢ଼ିଥିଲା। ତେବେ ତୁରନ୍ତ କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ଯୋଗାଇ ଦିଆ ନଗଲେ ଜିଲା ଭାଜପା ପକ୍ଷରୁ ଆନ୍ଦୋଳନ ହେବ।

–ଦୁର୍ଯ୍ୟୋଧନ ସାହୁ, ଭାଜପା ଜିଲା ସଭାପତି

–ବାତ୍ୟା ସମୟରେ ପ୍ରକୃତ କ୍ଷତିଗ୍ରସ୍ତ ଚିହ୍ନଟ ହୋଇପାରିନାହାନ୍ତି। ପ୍ରଶାସନିକ ଆକଳନଠାରୁ ଫନୀ ଢ଼େର ଅଧିକ ଲୋକଙ୍କ କ୍ଷତି କରିଛି। ତୁରନ୍ତ ଫନୀ କ୍ଷତିଗ୍ରସ୍ତଙ୍କୁ ସହଯୋଗ ମିଳିବା ଆବଶ୍ୟକ।

–ଚିନ୍ମୟ ପ୍ରସାଦ ବେହୁରା, କଂଗ୍ରେସ ଜିଲା ସଭାପତି

–ବାତ୍ୟା ସମୟରେ ରାଜ୍ୟ ସରକାରଙ୍କ ତତ୍ପରତା ଯୋଗୁ ବହୁ ଧନଜୀବନ ରକ୍ଷା ହୋଇପାରିଛି। ଏଥିସହିତ ରିଲିଫ ବ୍ୟବସ୍ଥା ମଧ କରାଯାଇଥିଲା। ଇତିମଧ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିବାରୁ ଦୀର୍ଘଦିନ ଧରି ଜିଲାରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିଲା। ଗତ ୨୬ ତାରିଖରେ ଏହା ଉଠିଥିବା ବେଳେ ଖୁବ୍‌ଶୀଘ୍ର କ୍ଷତିଗ୍ରସ୍ତଙ୍କୁ ସହାୟତା ମିଳିବ।

–ରାଜେଶ କୁମାର ପଣ୍ଡା, ବିଜେଡି ଯୁବ ସଭାପତି

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଜୁଲାଇ ୩୧/୨୦୧୯ Bhubaneswar, Wednesday, July 31/ 2019

## ସଂକ୍ଷେପରେ

### ପାରାଦୀପ ଦୋଛକିରୁ ଟ୍ରକ୍ ଗାଏବ



ପାରାଦୀପ,୩୦।୭(ସ୍ୱ.ପ୍ର.): ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଦୋଛକିଠାରୁ ମଙ୍ଗଳବାର ଏକ ମାଲ୍ ବୋଝେଇ ଟ୍ରକ ଗାଏବ ହୋଇଯାଇଛି। କେହି ଉକ୍ତ ଟ୍ରକ୍ ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ମାମଲା ନଂ.୧୨୯/୧୯ ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, କୁଜଙ୍ଗ ଥାନା ଅନ୍ତର୍ଗତ ଚଟୁଆ ଗ୍ରାମର ସଂଗ୍ରାମ ନାୟକଙ୍କ ଟ୍ରକ୍ ନଂ.ଓଆର୦୪ଏଚ୍୧୯୬୨କୁ ସେ ନିଜେ ଚଲାନ୍ତି। ଗତ ସୋମବାର ରାତି ସାଢେ ୧୨ଟାରେ ସେ ଦୋଛକିସ୍ଥିତ ଏକ ଟାୟାର ଦୋକାନ ଆଗରେ ରଖି ଅନ୍ୟ ସ୍ଥାନରେ ଶୋଇଥିଲେ। ସକାଳୁ ସେଠାରେ ଟ୍ରକ୍ ନ ଥିବା ଦେଖି ସେ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଟ୍ରକ୍ ଭୋର ୪ଟାରେ ଚଣ୍ଡିଖୋଲ ଟୋଲ୍ ଗେଟ୍ ଅତିକ୍ରମ କରିଥିବା ସେଠାକାର ସିସିଟିଭି ଫୁଟେଜରୁ ଜଣାଯାଇଛି।

### ଗଞ୍ଜେଇ ବ୍ୟବସାୟ ଅଭିଯୋଗରେ ମହିଳା ଗିରଫ

ପାରାଦୀପ,୩୦।୭(ସ୍ୱ.ପ୍ର.): ପାରାଦୀପ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇ ଚୋରା ଗଞ୍ଜେଇ ବ୍ୟବସାୟ କରୁଥିବା ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ସେ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ବଡ଼ଙ୍ଗ ଗ୍ରାମର ଲିଲି ପ୍ରଧାନ। ତାଙ୍କଠାରୁ ୭୫୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏନେଇ କେସ୍ ନଂ.୨୫/୧୯ ରୁଜୁ ହୋଇଥିବାବେଳେ ମହିଳାଙ୍କୁ କୋର୍ଟଚାଲାଣ କରାଯାଇଛି। ବ୍ୟାଗରେ ଗଞ୍ଜେଇ ନେଇ ଏକ ଗାଡିରେ ସେ ନିଜ ଗାଁକୁ ଯାଉଥିବାବେଳେ ଅବକାରୀ କର୍ମଚାରୀମାନେ ଚଢ଼ାଉ କରି ଧରିଥିଲେ। ଘଟଣାସ୍ଥଳରୁ ତାଙ୍କ ସ୍ୱାମୀ ଫେରାର ହୋଇଯାଇଛନ୍ତି।

### ୬ ମାସ ହେଲା ମିଳିନି କଳାକାର ଭତ୍ତା

ଏରସମା,୩୦।୭(ସ୍ୱ.ପ୍ର.): ଏରସମା ବ୍ଲକ ଗୋଡ଼ା ପଞ୍ଚାୟତରେ ୬ ମାସ ହେଲା ହିତାଧିକାରୀମାନେ କଳାକାର ଭତ୍ତା ପାଇନାହାନ୍ତି। ସେମାନେ ବାରମ୍ବାର ବ୍ଲକକୁ ଆସି ଅଭିଯୋଗ କରୁଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଏପରି କି ସେମାନଙ୍କୁ ନିୟମିତ ଭତ୍ତା ପ୍ରଦାନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ପ୍ରକାଶ ଯେ, ଗୋଡ଼ା ପଞ୍ଚାୟତରେ ମୋଟ ୧୨ ଜଣ କଳାକାର ଭତ୍ତା ପାଇବାକୁ ମନୋନୀତ ହୋଇଥିଲେ। ସେମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଗୋଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ପିଠା କାର୍ଯ୍ୟକ୍ରମରେ ନଭେମ୍ବର ଓ ଡିସେମ୍ବର ମାସର ଭତ୍ତା ଟଙ୍କା ଦିଆଯାଇଥିଲା। ମାତ୍ର ପରିତାପର ବିଷୟ ଏହା ପରେ ୬ ମାସ ବିତିଥିଲେ ମଧ୍ୟ ଆଉ ଭତ୍ତା ଦିଆଯାଇନାହିଁ। ଫଳରେ ଏହି ପଞ୍ଚାୟତ ଘୋଷାଘର ଗ୍ରାମର ଶରତ ବାରିକ, ସୂର୍ଯ୍ୟକାନ୍ତ ବାରିକ, କୁଆଁରବେଦୀ ଗ୍ରାମର ଧରଣୀଧର ଜେନା, ଗୋଡ଼ାର ଧ୍ରୁବ ନାୟକ, ନୀଲୁ ଓଝା, ପଞ୍ଚାନନ ନାୟକ, କୈଳାସ ନାୟକ, ରୂପନ ବେହେରା, ଶାଳିଓ ଗ୍ରାମର ଉଲ୍ଲାସ ସ୍ୱାଇଁ, ଉଲେଖି ସ୍ୱାଇଁ ପ୍ରମୁଖ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି।

ସୂଚନାଯୋଗ୍ୟ, ଜୁଲାଇ ୧ରେ ଏରସମା ବ୍ଲକରେ ଜିଲାପାଳଙ୍କ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଭତ୍ତା ପାଇ ନ ଥିବା କାଳାକାରମାନେ ଏଥିରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେଣୁ ତୁରନ୍ତ ସେମାନଙ୍କୁ ଭତ୍ତା ପ୍ରଦାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଏ ସମ୍ପର୍କରେ ବିଡିଓ କୈଳାସ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ କଥା ହୋଇ ବୁଝୁଛି ବୋଲି କହିଛନ୍ତି।

# ସମୁଦ୍ରରେ ମତ୍ସ୍ୟଜୀବୀ ନିଖୋଜ

ପାରାଦୀପ,୩୦।୭(ସ୍ୱ.ପ୍ର.)

ପାରାଦୀପ ମାଛଧରା ବନ୍ଦରରୁ ସମୁଦ୍ରକୁ ଯାଇଥିବା ଏକ ଟ୍ରଲରରୁ ମଙ୍ଗଳବାର ଜଣେ ମତ୍ସ୍ୟଜୀବୀ ପାଣିକୁ ଖସିପଡି ନିଖୋଜ ହୋଇଯାଇଛନ୍ତି। ଖବରପାଇ ଭାରତୀୟ ତଟରକ୍ଷୀ ବାହିନୀ (କୋଷ୍ଟଗାର୍ଡ) ପକ୍ଷରୁ ସମୁଦ୍ରରେ ସର୍ଚ୍ଚ ଅପରେଶନ ଜାରି ରହିଛି। ରିପୋର୍ଟ ଲେଖାଯିବା ସୁଦ୍ଧା ନିଖୋଜ ମତ୍ସ୍ୟଜୀବୀଙ୍କ ସନ୍ଧାନ ମିଳିନାହିଁ। ଉକ୍ତ ମାଛଧରା ଟ୍ରଲର ମଧ୍ୟକୁ କୂଳକୁ ଫେରିନାହିଁ। ଏହି ଘଟଣା କୂଳଠାରୁ ୨୦ କିମି ମଧ୍ୟରେ ଘଟିଥିବା ଜଣାଯାଇଛି। ନିଖୋଜ ମତ୍ସ୍ୟଜୀବୀ ହେଲେ ଭଦ୍ରକ ଅଞ୍ଚଳର ବିଜୟ ମଲ୍ଲିକ। ସେ ଓମ୍ ବାବା ଆଖଣ୍ଡଳମଣି ନାମକ ଟ୍ରଲରରେ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ପ୍ରତ୍ୟୁଷରେ ଟ୍ରଲରଟି କୂଳକୁ ଫେରୁଥିଲା। ଭୋରରେ ସେ ଟ୍ରଲର ଧାରରେ ବସି ଶୌଚ ଯାଉଥିବାବେଳେ ଅସାବଧାନତା ବଶତଃ ପାଣିକୁ ଖସିପଡିଥିଲେ ବୋଲି ସାଥି ମତ୍ସ୍ୟଜୀବୀମାନେ ଟ୍ରଲର ମାଲିକ ଭାଗବତ ନାୟକଙ୍କୁ ସୂଚନା ଦେଇଛନ୍ତି। ବର୍ତ୍ତମାନ ଦକ୍ଷିଣା ପବନ ବହୁଥିବାରୁ ସମୁଦ୍ର ଅଶାନ୍ତ ରହୁଛି। ଏହି ସମୟରେ ଅନ୍ତଃସ୍ରୋତ ଅଧିକ ଥିଲା। ବିଜୟ ନିଖୋଜ ହେବା ପରେ ସେହି ଟ୍ରଲରରେ ଥିବା ସାଥି ମତ୍ସ୍ୟଜୀବୀମାନେ ମଧ୍ୟ ଦୀର୍ଘ ସମୟ ଖୋଜାଖୋଜି କରିଥିଲେ। ପରେ କୋଷ୍ଟଗାର୍ଡର ପାଟ୍ରୋଲିଂ ଜାହାଜ ଓ ହେଲିକାପ୍ଟର ପଇଁତରା ମାରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳିନାହିଁ। ଉକ୍ତ ଟ୍ରଲର ବୁଧବାର ସକାଳେ କୂଳକୁ ଫେରିବା ପରେ ସବିଶେଷ ତଥ୍ୟ ଜଣାପଡିବ ବୋଲି ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ମଧୁମୟ ସାମଲ କହିଛନ୍ତି।

BDS Admission Guidance
Course fee package as low as 10 lac in India

| Catagory | Eligibilty Criteria | Cut off score (Out of 720) |
|---|---|---|
| General | 50th percentile | 134 |
| OBC/SC/ST | 40th percentile | 107 |

UTKAL ACADEMY
YOUR TRUST I ଆପଣଙ୍କ ବିଶ୍ୱାସ
(A Unit of Vardham Metropolish Pvt. Ltd)
Toll-Free No: 1800 123 89 5400
BHUBANESWAR: 1190/A, Jagmohan Nagar, ITER Square, Khandagiri, 751030, Mob: 9090053338, 8917405105
BERHAMPUR: Panitanki Square, Mob: 9778162762
WEB: www.utkalacademy.com

# ଭଡ଼ାରେ ଲାଗିଛି ପଞ୍ଚାୟତର ନୂତନ ଗୃହ

ରଘୁନାଥପୁର, ୩୦।୭ (ଡି.ଏନ.ଏ.)

### ମଣିଜଙ୍ଗ ପଞ୍ଚାୟତ



ପଞ୍ଚାୟତ ଗୃହରେ ଭଡ଼ାରେ ଥିବା ଲୋକମାନେ।

- ବିଡିଓଙ୍କ ପାଖରେ ନାହିଁ ଖବର
- ପଞ୍ଚାୟତ ଏକଜିକ୍ୟୁଟିଭ ଅଫିସରଙ୍କୁ ହୋଇନି ଚାବି ହସ୍ତାନ୍ତର

ସରକାରଙ୍କ ପକ୍ଷରୁ ନୂତନ ଭାବେ ନିର୍ମାଣ କରାଯାଇଥିବା ପଞ୍ଚାୟତ ଗୃହ ଲୋକଙ୍କ କାମରେ ଲାଗୁନି। ଏହାକୁ ଭଡା ସୂତ୍ରରେ ଦିଆଯାଇଥିବା ବେଳେ ଏ ସମ୍ପର୍କରେ ବିଡିଓଙ୍କ ପାଖରେ କୌଣସି ଖବର ନାହିଁ। ସେହିପରି ପଞ୍ଚାୟତର ଏକଜିକ୍ୟୁଟିଭ ଅଫିସରଙ୍କୁ ମଧ୍ୟ ନୂଆ ଘରର ଚାବି ହସ୍ତାନ୍ତର କରାଯାଇନାହିଁ। ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଛି କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ମଣିଜଙ୍ଗ ପଞ୍ଚାୟତ କ୍ଷେତ୍ରରେ। ବର୍ଷେ ତଳୁ ନବନିର୍ମିତ ପଞ୍ଚାୟତ ଗୃହକୁ କାର୍ଯ୍ୟାଳୟ କରିବା ପରିବର୍ତ୍ତେ ଏ ଅଞ୍ଚଳରେ କେନାଲ କାମ କରୁଥିବା ଜନୈକ ଠିକାଦରଙ୍କୁ ଭଡା ସୂତ୍ରରେ ଦିଆଯାଇଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଅଞ୍ଚଳରେ କେନାଲ କାମ କରୁଥିବା ୧୨ଜଣ ଶ୍ରମିକ ଏଠାରେ ରହିଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ପଞ୍ଚାୟତର ନାଏବ ସରପଞ୍ଚ ନିଖିଳ ଦାସ ଅଭିଯୋଗ କରିବା ପରେ ପ୍ରକୃତ ବାସ୍ତବତା ସମ୍ପର୍କରେ ଅନୁଧାନ କରାଯାଇଥିଲା। ୱାର୍ଡ ସଭ୍ୟ କେଦାରନାଥ ସେଠୀ, ସୁରେନ୍ଦ୍ର ସାହୁ, ଯୋଗେନ୍ଦ୍ର ମଲିକ, ସରୋଜିନୀ ନାୟକ ଓ ସୁବ୍ରତ ସାହୁ ମଧ୍ୟ ଅନୁରୂପ ଭାବେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ପଞ୍ଚାୟତର ଏକଜିକ୍ୟୁଟିଭ ଅଫିସର(ଇଓ) ଶୁଭେନ୍ଦୁ ଜେନାଙ୍କୁ ପଚାରିବାରେ ସେ ଦୁଇଟି ପଞ୍ଚାୟତ ଦାୟିତ୍ୱରେ ରହିଥିବାରୁ ନୂଆ ପଞ୍ଚାୟତ ଗୃହର ଚାବି ସରପଞ୍ଚ ରଞ୍ଜିତା ନାୟକଙ୍କୁ ହସ୍ତାନ୍ତର କରିଥିଲେ। ବର୍ଷେ ତଳୁ ଭଡା ଦିଆଯାଇଥିବାବେଳେ ସରପଞ୍ଚଙ୍କ ସ୍ୱାମୀଙ୍କୁ ଚାବି ହସ୍ତାନ୍ତର କରିବାକୁ ଇଓ କହିଥିଲେ ହେଁ ସେ ଦେଇ ନ ଥିଲେ। ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରେ ତାଙ୍କ ପାଖରେ ଖବର ନ ଥିବା ଏବଂ ତଦନ୍ତ କରି ଦେଖିବେ ବୋଲି ସେ କହିଛନ୍ତି। ୱାର୍ଡ ସଭ୍ୟାସଭ୍ୟଙ୍କ ଅଭିଯୋଗ ଅନୁଯାୟୀ, ପ୍ରତ୍ୟେକ କ୍ଷେତ୍ରରେ ସରପଞ୍ଚଙ୍କ ସ୍ୱାମୀ ହସ୍ତକ୍ଷେପ କରିବା ଏବଂ ନିୟମିତ ପଞ୍ଚାୟତ ବୈଠକ କରା ନ ଯାଇ ରିଜୋଲେଶନ ଖାତାରେ ଦସ୍ତଖତ କରାଇ ନେଉଥିବାର ଗୁରୁତର ଅଭିଯୋଗ କରିଛନ୍ତି। ଭଡାରେ ଲାଗିଥିବା ଅର୍ଥ କୁଆଡେ ଯାଉଛି ବୋଲି ମଧ୍ୟ ସେମାନେ କହିଛନ୍ତି। ଏ ସମ୍ପର୍କରେ ସରପଞ୍ଚଙ୍କ ସ୍ୱାମୀ ସର୍ବେଶ୍ୱର ନାୟକଙ୍କୁ ପଚାରିବାରେ ନୂଆ ଭାବେ ନିର୍ମାଣ କରାଯାଇଥିବା ପଞ୍ଚାୟତ ଗୃହରେ କେତେବେଳେ କିଏ ପଞ୍ଚାୟତ କାମରେ ଆସିଲେ ରହୁଛନ୍ତି। ଗୃହକୁ ଭଡା ସୂତ୍ରରେ ଦିଆଯାଇଥିବା ଅଭିଯୋଗକୁ ସେ ଖଣ୍ଡନ କରିବା ସହ ଏହା ଭିତ୍ତିହୀନ ବୋଲି କହିଛନ୍ତି।

### ଫନୀ ବାତ୍ୟାର ୩ ମାସ ପରେ କମିନି ଦୁର୍ଦ୍ଦଶା

# ପର ଘରେ ମୁଣ୍ଡ ଗୁଞ୍ଜିଛନ୍ତି ବିପନ୍ନ

ବାଲିଆ,୩୦।୭

ଫନୀ ବାତ୍ୟା ହେବାର ଇତିମଧ୍ୟରେ ୩ ମାସ ବିତିଲାଣି, ଅଥଚ ଏ ପର୍ଯ୍ୟନ୍ତ ବିପନ୍ନଙ୍କ ଦୁର୍ଦ୍ଦଶା ଦୂର ହୋଇନାହିଁ। ଅଦ୍ୟାବଧି ଜଣେ ହେଲେ ବାତ୍ୟା ବିପନ୍ନ ଘରଭଙ୍ଗା ସହାୟତା ପାଇନାହାନ୍ତି। ଫଳରେ ବାଧ୍ୟହୋଇ ସେମାନେ ପରଘରେ ମୁଣ୍ଡ ଗୁଞ୍ଜିଛନ୍ତି। ବିରିଡ଼ି ବ୍ଲକ ଅଡଙ୍ଗଗଡ଼ ପଞ୍ଚାୟତରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଏହି ପଞ୍ଚାୟତ ୪ ନଂ. ୱାର୍ଡର ସୀତାରୀ ବେଗମ। ସ୍ୱାମୀ ଓ ୩ ପିଲାଙ୍କୁ ନେଇ ତାଙ୍କ ପରିବାର। ଏକ ମାଟି କାନ୍ଥ ଓ ଚାଳ ଛପର ଘରେ ସେ ରହୁଥିଲେ। ମେ ୩ ଫନୀ ବାତ୍ୟାରେ ତାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ମାଟିରେ ମିଶିଯାଇଥିଲା। ସେହିଦିନଠାରୁ ସିତାରୀଙ୍କ ପରିବାର ଗ୍ରାମର ଜଣଙ୍କ ଘରେ ରହି ଆସୁଛନ୍ତି। ବାତ୍ୟା ପରେ ତାଙ୍କୁ କେବଳ ୨୫ କେଜି ଚାଉଳ ଓ ୫୦୦ ଟଙ୍କା ମିଳିଥିଲା। ଘରଭଙ୍ଗା ତଦନ୍ତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସରକାରୀ ସହାୟତା ମିଳିନାହିଁ। ତାଙ୍କ ସ୍ୱାମୀ ଜଣେ ଦିନ ମଜୁରିଆ। ପ୍ରତିଦିନ ଯାହା ମଜୁରି ପାଆନ୍ତି ସେଥିରେ ୫ ପ୍ରାଣୀ ଚଳିବା କଷ୍ଟକର ହୋଇଥାଏ। ପାଖରେ ସମ୍ବଳ ନ ଥିବାରୁ ବାତ୍ୟା ସମୟରେ ମାଟିରେ ଲୋଟିପଡିଥିବା ଘର ସଜାଡି ପାରୁନାହାନ୍ତି। ମୁଣ୍ଡ ଗୁଞ୍ଜିବାକୁ ଚାଳିଆ ଖଣ୍ଡେ କରିପାରୁ ନ ଥିବାରୁ ସେ ସରକାରୀ ସହାୟତାକୁ ଚାହିଁ ରହିଛନ୍ତି।



ସ୍ୱାମୀଙ୍କ ସହ ସୀତାରୀ ବେଗମ୍।

### ଚୋରା ମଦ, ବ୍ରାଉନସୁଗାର କାରବାରକୁ ନେଇ ତେଜୁଛି ଅସନ୍ତୋଷ

# ରାସ୍ତାକୁ ଓହ୍ଲାଇବେ ୭୪ ଏସ୍ଏଚ୍ଜି

ଜଗତ୍ସିଂହପୁର ଅଫିସ,୩୦।୭

ଜଗତ୍ସିଂହପୁର ଜିଲାରେ ଚୋରା ମଦ, ଗଞ୍ଜେଇ, ଅଫିମ ଏପରି କି ବ୍ରାଉନ ସୁଗାର କାରବାର ବଢିବାରେ ଲାଗିଛି। ଏହା ରୋକିବା ନିମନ୍ତେ ଅବକାରୀ ବିଭାଗ ଓ ପୋଲିସ ପଦକ୍ଷେପ ନେବା ପରିବର୍ତ୍ତେ ନୀରବଦ୍ରଷ୍ଟା ସାଜିଛନ୍ତି। ଏପରିକି ମୋଟା ଅଙ୍କର ଉତ୍କୋଚ ନେଇ ଦୁଇ ବିଭାଗର ଅଧିକାରୀମାନେ ମାଦକ ଦ୍ରବ୍ୟ କାରବାରକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି। ଆଶ୍ଚର୍ଯ୍ୟର କଥା ଯେଉଁମାନେ ଏହା ବିରୋଧରେ ସ୍ୱରୋତ୍ତୋଳନ କରୁଛନ୍ତି, ସେମାନଙ୍କୁ ଦମନ କରିବାକୁ ଉଦ୍ୟମ ହେଉଛି। ଏପରି କି ଧମକଚମକ ମଧ୍ୟ ଦିଆଯାଉଛି। ସେପଟେ ନିଶା ସେବନ କରୁଥିବା ଅନେକ ଲୋକଙ୍କ ପରିବାରରେ ଅଶାନ୍ତିର ଝଡ଼ ସୃଷ୍ଟି ହେଉଛି। ବିଶେଷକରି ମହିଳାମାନେ ନିର୍ଯାତନାର ଶିକାର ହେଉଛନ୍ତି। ପିଲାମାନେ ଆବଶ୍ୟକ ଶିକ୍ଷା ନ ପାଇଁ ଭୁଲ ବାଟକୁ ଚାଲି ଯାଉଛନ୍ତି। ଏ ପରିସ୍ଥିତିରେ ଅନେକ ଗାଁରେ ଲୋକେ ପ୍ରତିବାଦ ପାଇଁ ସଜବାଜ ହେଲେଣି।

ଜଗତ୍ସିଂହପୁର ବ୍ଲକ ରମ୍ଭାଦେଇପୁର ପଞ୍ଚାୟତର ଶତାଧିକ ମହିଳା ପୁରୁଷ ମଙ୍ଗଳବାର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକତ୍ରିତ ହୋଇ ଆଗାମୀ ଦିନର ରଣନୀତି ସମ୍ପର୍କରେ ଆଲୋଚନା କରିଛନ୍ତି। ଖୁବଶୀଘ୍ର ୭୪ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ (ଏସ୍ଏଚ୍ଜି) ସଭ୍ୟାମାନେ ଏକ ବିଶାଳ ଶୋଭାଯାତ୍ରା କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ନିଶାମୁକ୍ତ ପଞ୍ଚାୟତ ଗଠନ ପାଇଁ ସେମାନେ ଆହ୍ୱାନ ଦେଇଛନ୍ତି। ପ୍ରାୟ ଏକ ମାସ ତଳେ ରମ୍ଭାଦେଇପୁର ପଞ୍ଚାୟତରେ ଅନୁରୂପ ଅସନ୍ତୋଷର ନିଆଁ କୁହୁଳିଥିଲା। ପଞ୍ଚାୟତର ଅନେକ ସ୍ୱୟଂସହାୟିକା ଗୋଷ୍ଠୀର ସଭ୍ୟା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ରତିକାନ୍ତ ପଣ୍ଡାଙ୍କୁ ସାକ୍ଷାତ କରି ମାଦକ ଦ୍ରବ୍ୟ କାରବାର ବନ୍ଦ କରିବାକୁ ଅନୁରୋଧ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ରମ୍ଭାଦେଇପୁର ଭୋଇସାହିରେ ବହୁ ପରିମାଣର ରନ୍ଧା ମଦ ବିକ୍ରି ହେଉଛି। ପୁରୁଷମାନେ ମଦ୍ୟପାନ ସହ ବ୍ରାଉନ ସୁଗାର ସେବନ କରି ନିଜ ଜୀବନ ନଷ୍ଟ କରୁଛନ୍ତି। ଅନନ୍ତବଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଖୋଲାଖୋଲି ବ୍ରାଉନ ସୁଗାର କାରବାର ଚାଲିଛି। କେତେଜଣ ଅସାମାଜିକ ବ୍ୟକ୍ତି ସ୍ଥାନୀୟ ଯୁବକମାନଙ୍କ ସହାୟତାରେ ବ୍ରାଉନ ସୁଗାର ବିକ୍ରି କରୁଛନ୍ତି। ତେଣୁ ୭ ଦିନ ମଧ୍ୟରେ ସ୍ଥାୟୀ ସମାଧାନ କରା ନ ଗଲେ ବାଧ୍ୟହୋଇ ସେମାନେ ଆଇନକୁ ହାତକୁ ନେବେ ବୋଲି ଚେତାବନୀ ଦେଇଥିଲେ। ଏହାସତ୍ତ୍ୱେ ବିଭାଗ ଚୁପ ରହିଛି। ତେଣୁ ମଙ୍ଗଳବାର ପଞ୍ଚାୟତକୁ ନିଶାମୁକ୍ତ କରିବା ପାଇଁ ସରପଞ୍ଚ ଭ୍ରମରବର ସାହୁଙ୍କ ପୌରୋହିତ୍ୟରେ ବୈଠକ କରାଯାଇଥିଲା। ଅଧିକରୁ ଅଧିକ ଲୋକଙ୍କୁ କିପରି ସଚେତନ କରାଯିବ ସେ ଉପରେ ଏଥିରେ ଆଲୋଚନା ହୋଇଥିଲା। ଆଡଭୋକେଟ୍ ବାସୁଦେବ, ହାଇକୋର୍ଟ ଆଡଭୋକେଟ୍ ବିସ୍ମୟ ଷ୍ଟାର୍ଲିନ୍, ଖବରଦାତା କାହ୍ନୁ ନନ୍ଦ, ନାରୀନେତ୍ରୀ କୁସୁମ ଦାସ, ସୁଜାତା ଦାସ ପ୍ରମୁଖ ଉପସ୍ଥିତ ରହି ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ବୈଠକରେ ପଞ୍ଚାୟତର ଶତାଧିକ ଅନୁସୂଚିତ ଜାତିର ମହିଳା ଉପସ୍ଥିତ ଥିଲେ।

### ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲା

# ଆଉ ୫ ଜଣଙ୍କ ସାକ୍ଷ୍ୟ ଗ୍ରହଣ

କୁଜଙ୍ଗ,୩୦।୭(ସ୍ୱ.ପ୍ର.)

ପାରାଦୀପର ସିୱେଜ୍ ସିପିଂ କମ୍ପାନୀ ମ୍ୟାନେଜର ମହେନ୍ଦ୍ର ସ୍ୱାଇଁଙ୍କ ହତ୍ୟା ମାମଲାରେ ମଙ୍ଗଳବାର କୁଜଙ୍ଗ ଅତିରିକ୍ତ ଜିଲା ଦୌରାଜଜ୍ଙ୍କ ଅଦାଲତରେ ଆଉ ୫ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଛି। ସାକ୍ଷ୍ୟ ପ୍ରଦାନ ନିମନ୍ତେ ୬ଜଣଙ୍କୁ ସମନ ଜାରି କରାଯାଇଥିବାବେଳେ ୫ଜଣ ଉପସ୍ଥିତ ରହି ସାକ୍ଷ୍ୟ ପ୍ରଦାନ କରିଥିଲେ। ସେମାନେ ହେଲେ ରମାକାନ୍ତ ସାହୁ, ସୁନିଲ କୁମାର ସାହୁ, ଜିତେନ୍ଦ୍ର କୁମାର ବାରିକ, ଏସ.କେ ରାଉତ, ସ୍ମୃତିରଞ୍ଜନ ଦାସ। ଅନ୍ୟପକ୍ଷରେ ଏହି ମାମଲାରେ ମୋଟ ୧୩ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ବସନ୍ତ ବଳ, ଶୁଭ ଆଚାର୍ଯ୍ୟ, ବାପି ସର୍ଖେଲ, ରାକେଶ ଚୁବେ, ରିଆସଦ ହୋସେନ, ମହମ୍ମଦ ସମିମ୍, ଅଶୋକ ବିହାରୀ, ମନୋଜ ଗୋଚ୍ଛାୟତ, ଶିବପ୍ରସାଦ ଦାସ ପ୍ରମୁଖ ଅଦାଲତରେ ହାଜିର ହୋଇଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ସୌରୀ ମହାପାତ୍ର, ଦେବସ୍ନାନ ଦାସ, ଅଜୟ ବରାଳ, ରମଣୀକାନ୍ତ ପଟ୍ଟନାୟକ, ଅକ୍ଷୟ କୁମାର ନାୟକ, ସୁଶାନ୍ତ ପଟ୍ଟନାୟକ ମାମଲା ପରିଚାଳନା କରୁଛନ୍ତି।

# ବାରମ୍ବାର କଟୁଛି ବିଦ୍ୟୁତ୍, ତ୍ରୁଟି ଧରିପାରୁନାହାନ୍ତି କର୍ମଚାରୀ

ବାଲିଆ,୩୦।୭

ରଘୁନାଥପୁର ବିଦ୍ୟୁତ୍ ସେକ୍ସନରେ କାର୍ଯ୍ୟ କରୁଥିବା ବିଦ୍ୟୁତ କର୍ମଚାରୀମାନଙ୍କ ଅବହେଳା ଯୋଗୁ ଉପଭୋକ୍ତାମାନେ ଉପଯୁକ୍ତ ସେବା ପାଇପାରୁ ନାହାନ୍ତି। ବିଶେଷ କରି ବଡ଼ଖଣ୍ଡାଏତା, ଅରଣା, ମାଣପୁର, ବୋଧପୁର, ପ୍ରହରାଜପୁର ପଞ୍ଚାୟତରେ ଏହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି। ଫନୀ ବାତ୍ୟା ପରେ ବିଦ୍ୟୁତ ମରାମତି କାର୍ଯ୍ୟ କରାଯାଇଥିଲା। ତେବେ ଏହି ପଞ୍ଚାୟତଗୁଡିରେ ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଗହୀର ମଝିରେ ୧୧ କେଭି ବିଦ୍ୟୁତ୍ ଯାଇଥିବା ଖୁଣ୍ଟ ଭାଙ୍ଗିଯିବା ସହ ତାର ଛିଣ୍ଡିପଡିଥିଲା। ଫଳରେ ଦୀର୍ଘ ୮୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲୋକେ ଅସୁବିଧା ଭୋଗିଥିଲେ। ପରେ ଅନ୍ୟ ବାଟେ ଖୁଣ୍ଟ ପୋତାଯାଇ ତାର ଟଣାଯାଇଥିଲା। ତେବେ ୨/୪ ଘଣ୍ଟା ଲୋକେ ବିଦ୍ୟୁତ୍ ସେବା ପାଇଛନ୍ତି କି ନାହିଁ ପୁଣିଥରେ ରବିବାର ୨୪ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟି ଦିଆଗଲା। ଏ ସମ୍ପର୍କରେ କର୍ମଚାରୀମାନଙ୍କୁ ପଚାରିବାରେ ସେମାନେ ଫଲ୍ଟ ଖୋଜୁଥିବା କହିଥିଲେ। ତେବେ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ଫୋନ୍ ବନ୍ଦ କରି ରଖିଥିଲେ। ଜଗତସିଂହପୁରର ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରେ ସେ ତୁରନ୍ତ ବିଦ୍ୟୁତ ସେବା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହାର ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟୁତ୍ ଆସି ନ ଥିଲା। ବାତ୍ୟା ପରେ ବିଦ୍ୟୁତ୍ ଖୁଣ୍ଟ ପୋତା ଓ ତାର ଟଣା କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଅନେକ ସମସ୍ୟା ଦେଖାଦେଉଛି। କେଉଁଠି ତାର ଛିଡୁଛି ତ କେଉଁଠି ଶଙ୍ଖ ଫାଟିଯାଉଛି। ଆଉକେତେକ ସ୍ଥାନରେ ବାଉଁଶ ଡିରାରେ ବିଦ୍ୟୁତ ତାର ବନ୍ଧା ହୋଇଥିବା ଦେଖାଯାଉଛି। ଅନେକ ସ୍ଥାନରେ ଅଳ୍ପ ଗାତ ଖୋଳାଯାଇ ଖୁଣ୍ଟ ପୋତାଯାଇଛି, ଯାହାକି ଆଗାମୀ ଦିନରେ ବିପଦ ସୃଷ୍ଟି କରିବାର ଆଶଙ୍କା ଥିବା ସ୍ଥାନୀୟ ଲୋକେ କହିଛନ୍ତି।

### ପଞ୍ଚାୟତ କାର୍ଯ୍ୟାଳୟ ଭଡ଼ାରେ ଲାଗିବା ଘଟଣା

# ବିଡିଓଙ୍କ ଉପସ୍ଥିତିରେ ଖାଲିହେଲା ଘର

ନାଉଗାଁ,୩୦।୭(ସ୍ୱ.ପ୍ର.)

ନାଉଗାଁ ପଞ୍ଚାୟତ କାର୍ଯ୍ୟାଳୟକୁ ଦୀର୍ଘ ୬ ବର୍ଷ ହେଲା ଭଡ଼ା ସୂତ୍ରରେ ପ୍ରଦାନ କରାଯାଇଥିଲା। ଜଣେ ବ୍ୟବସାୟୀ ସେଠାରେ ସିମେଣ୍ଟ, ରଡ୍, ସାର ଆଦି ରଖି ବ୍ୟବସାୟ କରୁଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ମଙ୍ଗଳବାର ବିଡିଓଙ୍କ ଉପସ୍ଥିତିରେ ଉକ୍ତ କାର୍ଯ୍ୟାଳୟ ଖାଲି କରାଯିବା ସହ ପ୍ରଶାସନ ପକ୍ଷରୁ ତାଲା ପକାଯାଇଛି। ସମ୍ପୃକ୍ତ ବ୍ୟବସାୟୀ ଉକ୍ତ ଗୃହରେ ୨୦୦ ବସ୍ତା ସିମେଣ୍ଟ, ୪୦୦ ବସ୍ତାରୁ ଊର୍ଦ୍ଧ୍ୱ ସାର ଓ ଲୁହା ରଡ୍ ଗଚ୍ଛିତ ରଖିଥିଲେ। ବିଡିଓ ରଶ୍ମିରେଖା ମଲ୍ଲିକ, ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କର, ଜିପିଓ ଦିନେଶ ରାୟ, ଏପିଓ ଜ୍ୟୋତିର୍ମୟ ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅମର ମଲିକଙ୍କ ଉପସ୍ଥିତିରେ ଉକ୍ତ ଗୃହ ଖାଲି କରାଯାଇଥିଲା। ସୂଚନାଯୋଗ୍ୟ, ଉକ୍ତ ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନିର୍ମାଣ ପରେ ପଞ୍ଚାୟତ କାର୍ଯ୍ୟାଳୟ ସେଠାକୁ ସ୍ଥାନାନ୍ତର ହୋଇଥିଲା। ସେବେଠାରୁ ପଞ୍ଚାୟତ କାର୍ଯ୍ୟାଳୟ ଓ ଗୋଦାମ ଗୃହ ଭଡ଼ାରେ ଦିଆଯାଇଥିଲା। ବିନା ନିଲାମୀରେ ଉକ୍ତ ସରକାରୀ ଗୃହ କିପରି ଜଣେ ବ୍ୟବସାୟୀଙ୍କୁ ଭଡ଼ାରେ ଦିଆଯାଇଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ସେହିପରି ବଜାର ମଧ୍ୟରେ ଘର ଭଡ଼ା ଅଧିକ ଥିବାବେଳେ ପଞ୍ଚାୟତ ଅଫିସ ଘର ଅଳ୍ପ ମୂଲ୍ୟରେ ଭଡ଼ାରେ ଦେଇ ପଞ୍ଚାୟତ ପ୍ରତିନିଧି ସମ୍ପୃକ୍ତ ବ୍ୟବସାୟୀଙ୍କଠାରୁ ବ୍ୟକ୍ତିଗତ ଭାବେ ଅଧିକ ଟଙ୍କା ନେଉଥିବା ଚର୍ଚ୍ଚା ହୋଇଥିଲା। ଏନେଇ ଅଭିଯୋଗ ହେବା ପରେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଘର ଖାଲି କରିବା ନିମନ୍ତେ ୪ ଥର ନୋଟିସ ଜାରି କରାଯାଇଥିଲା। କିନ୍ତୁ ସେ ଘର ଖାଲି ନ କରିବାରୁ ବିଡିଓ ମଲିକ ଏକ ଜରୁରୀକାଳୀନ ବୈଠକ ଡକାଇ ୭ ଦିନିଆ ନୋଟିସ ପ୍ରଦାନ କରିଥିଲେ। ଗତ ୨୬ ଜୁଲାଇରେ ଘର ଖାଲି କରିବାର ଶେଷ ଦିନ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ବ୍ୟବସାୟୀ ଜଣଙ୍କ ଘର ଖାଲି ନ କରିବାରୁ ପ୍ରଶାସନ ପକ୍ଷରୁ ପୋଲିସ ସହାୟତାରେ ଘର ଖାଲି କରାଯାଇଛି। ଏ ସମ୍ପର୍କରେ ବିଡିଓ ମଲ୍ଲିକ କହିଛନ୍ତି ଯେ, ପୂର୍ବରୁ ତାଙ୍କୁ ନୋଟିସ ପ୍ରଦାନ କରାଯାଇଥିଲା। ସେ ଘର ଖାଲି ନ କରିବାରୁ ପୁନର୍ବାର ୭ ଦିନିଆ ନୋଟିସ ପ୍ରଦାନ କରାଯାଇଥିଲା। ତଥାପି ସେ ଗୃହ ଖାଲି କରି ନଥିଲେ। ତେଣୁ ପ୍ରଶାସନ ତରଫରୁ ତାଲା ଭଙ୍ଗାଯାଇ ଗୃହ ଖାଲି କରାଗଲା। ଉକ୍ତ ଘର କିପରି ଭଡ଼ାରେ ଦିଆଯାଇଥିଲା ସେ ସମ୍ପର୍କରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।




ବିଡିଓଙ୍କ ଉପସ୍ଥିତିରେ ପଞ୍ଚାୟତ କାର୍ଯ୍ୟାଳୟ ଖାଲି କରାଯାଉଛି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ ।
- ଡାୟୋଜିନିସ୍



## ସଂକ୍ଷେପରେ

### କାଉଡିଆଙ୍କୁ ମାଡ଼ ଘଟଣାରେ ଯୁବକ ଗିରଫ

ଛତିଆ,୩୦।୭(ଡି.ଏନ୍.ଏ.):କପିଳାସ ଅଭିମୁଖେ ପାଣି ନେଇ ଯାଉଥିବା କାଉଡ଼ିଆଙ୍କୁ ବୈରୀ ପୋଲିସ ପ୍ରଶିକ୍ଷଣ କେନ୍ଦ୍ର ନିକଟରେ ଆକ୍ରମଣ କରିଥିବା ଯୁବକଙ୍କୁ ମଙ୍ଗଳବାର ସ୍ଥାନୀୟ ପୋଲିସ ସୋଲର ଗ୍ରାମରୁ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ ଚନ୍ଦନ ପ୍ରହରାଜ। ତାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ମିଳିଥିବା ସୂଚନା ଅନୁସାରେ ଶନିବାର କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ଲାପଟୁଆଁ ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ଯୁବକ ପାଣିଭାର ଧରି ତ୍ରିବେଣୀଶ୍ୱରରୁ କପିଳାସ ଅଭିମୁଖେ ଯାତ୍ରା କରୁଥିଲେ। ସନ୍ଧ୍ୟାରେ ସୋଲର ଗ୍ରାମର ଚନ୍ଦନ କାଉଡ଼ିଆଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ସେମାନଙ୍କ କାଉଡ଼ି ଭାଙ୍ଗିବା ସହ ୫ଜଣ କାଉଡିଆଙ୍କୁ ମାଡ଼ ମାରିଥିଲେ। ଏନେଇ କାଉଡିଆମାନେ ବୈରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏପରି କି ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଘେରାଉ ମଧ କରିଥିଲେ। ପରେ ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ. ୧୦୬/୨୦୧୯) ରୁଜୁ କରିଥିଲା। ମଙ୍ଗଳବାର ପୋଲିସ ଚନ୍ଦନଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଏକ ନକଲି ସାମ୍ବାଦିକ କାର୍ଡ ଓ ଏକ ବାଇକ୍ ଜବତ କରିଛି।

### ଅଣସଂଗଠିତ ଶ୍ରମିକ ସଂଗଠନର ଜିଲାସ୍ତରୀୟ ସମାବେଶ

ଚଣ୍ଡିଖୋଲ,୩୦।୭(ଡି.ଏନ୍.ଏ.)
ଅଣସଂଗଠିତ ଭାବେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ନେଇ ଏକ ଜିଲାସ୍ତରୀୟ ସମାବେଶ ଓ ଆଲୋଚନାଚକ୍ର ମଙ୍ଗଳବାର ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ଧାଲସ୍ଥିତ ଯୁବ ତାଲିମ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଛି। ମାନସ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ କେନ୍ଦ୍ର ଗ୍ରାମ୍ୟ ମନ୍ତ୍ରଣାଳୟର ସଚିବ ବିରଞ୍ଚି ନାରାୟଣ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାର ଶ୍ରମିକଙ୍କ କଲ୍ୟାଣ ପାଇଁ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରମିକଙ୍କ ସମସ୍ୟା ବୁଝିବା ଏବଂ ତ୍ୱରିତ ସମାଧାନ ଦିଗରେ ବିଭିନ୍ନ ସଂଗଠନ କାର୍ଯ୍ୟ କରିବାକୁ ଆହ୍ୱାନ ହେଇଥିଲେ। ଓଡ଼ିଶାର ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ କ୍ଷେତ୍ରରେ ଶ୍ରମିକମାନେ କାର୍ଯ୍ୟ କରୁଥିବାବେଳେ ସେମାନଙ୍କ ନାମ ଅଦ୍ୟାବଧି ପଞ୍ଜିକୃତ ହୋଇନାହିଁ। ସେମାନଙ୍କୁ ପଞ୍ଜିକୃତ କରାଇବା ପାଇଁ ଶ୍ରମିକ ସଂଗଠନ ଗୁଡ଼ିକ ତତ୍ପରତା ଦେଖାଇବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସ୍ୱାଭିମାନ ମଞ୍ଚର ସଦସ୍ୟ ନିରଞ୍ଜନ ବିଶ୍ୱାଳ, ସ୍ମିତାରାଣୀ ପଟ୍ଟନାୟକ, ଜିଲା ଅଣସଂଗଠିତ ଶ୍ରମିକ ସଂଗଠନର ଆବାହକ ରମେଶ ଚନ୍ଦ୍ର ଜେନା, ସଭାପତି ନୃସିଂହ ଚରଣ ମିଶ୍ର ଓ ଜିଲା ସଂଯୋଜକ ରବୀନ୍ଦ୍ର କୁମାର ଦାସ ପ୍ରମୁଖ ଯୋଗଦେଇ ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ କୁମାର ସାହୁ, ଧୀରେନ ନାୟକ, ଶରତ ରାଉତ, ପ୍ରଦୀପ୍ତ ଦାସ, ରବୀନ୍ଦ୍ର ମଣ୍ଡଳ, ଭାଗୀରଥି ଦାସ, ସସ୍ମିତା ନାୟକ ଓ ସୁନିତା ବାରିକଙ୍କ ସମେତ ଓଡ଼ିଶା ଦଳିତ ମଞ୍ଚର ରାଜ୍ୟ ସଂଯୋଜକ ପ୍ରଶାନ୍ତ ମଲିକ ଓ ଜିଲା ସଂଯୋଜକ ରାକେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଯାଜପୁର ଜିଲା ମେଗା ଉଠା ଜଳସେଚନ ପ୍ରକଳ୍ପ

# ଲୋଡ଼ା ବେଳେ ହେଲାନି ସହାୟକ

ଯାଜପୁର ଅଫିସ,୩୦।୭



ଚଳିତ ଖରିଫ ଋତୁରେ ଯାଜପୁର ଜିଲାରେ ଜଳ ସଙ୍କଟ ଦେଖା ଦେଇଛି । ଜୁଲାଇ ୩୦ ତାରିଖ ସୁଦ୍ଧା ଜିଲାର ୧୦ଟି ବ୍ଲକରେ ହାରାହାରି ମାତ୍ର ୧୮୩.୬୬ ମି.ମି. ବର୍ଷା ରେକର୍ଡ କରାଯାଇଛି। ଯାହାକି ଆବଶ୍ୟକଠାରୁ ୪୮ପ୍ରତିଶତ କମ୍ ଅଟେ। ବର୍ଷା ପାଣି ପାଇଁ ଚାଷୀକୂଳ ଚିନ୍ତାରେ ପଡ଼ିଥିବାବେଳେ ଜିଲାର ବିଭିନ୍ନ ଜଳସେଚନ ବ୍ୟବସ୍ଥା ମଧ ସହାୟକ ହୋଇପାରି ନାହିଁ। ଦୀର୍ଘ ୮ବର୍ଷରୁ ଉର୍ଦ୍ଧ୍ୱ ହେବ ଜିଲାରେ ମେଗା ଉଠା ଜଳସେଚନ ପ୍ରକଳ୍ପ ପରିକଳ୍ପନାରେ ସୀମିତ ରହିଥିବାରୁ ଚାଷୀ ଏବେ ମରୁଡ଼ି ଆଶଙ୍କାରେ ଆତଙ୍କିତ ହୋଇପଡିଛନ୍ତି। ଏହି ମେଗା ପ୍ରକଳ୍ପରେ ବ୍ୟାପକ ଦୁର୍ନୀତି, ଅନିୟମିତତା, ଅବହେଳା ଯୋଗୁ ଚାଷୀ ବିଶେଷ ଭାବେ ପ୍ରଭାବିତ ହେଉଥିବା ଆଲୋଚନା ହେଉଛି। ସରକାରଙ୍କ ପ୍ରତିଶ୍ରୁତି ଏଠାରେ ଧୂଆଁବାଣ ସାଜିଛି ବୋଲି ଚାଷୀ ଓ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

ଚାଷୀଙ୍କ ସ୍ୱାର୍ଥ ଦେଶର ଅର୍ଥନୀତିରେ ବିଶେଷ ଭୂମିକା ବହନ କରୁଥିବାରୁ ସରକାର ଆଗାମୀ ଦିନରେ ମଧ ଏଥିପ୍ରତି ଯତ୍ନବାନ ହେବା ଦରକାର। କିନ୍ତୁ କେନ୍ଦ୍ର କିମ୍ବା ରାଜ୍ୟ ସରକାର କୃଷି ପ୍ରତି ସେତେଟା ଆଗ୍ରହ ପ୍ରକାଶ କରୁ ନ ଥିବା ମନେ ହେଉଛି। ଅନ୍ୟପକ୍ଷେ ଶିଳ୍ପ ପାଇଁ ସରକାର ସବୁପ୍ରକାର ଉଦ୍ୟମ କରୁଛନ୍ତି। ଜିଲାରେ ପରିକଳ୍ପିତ ମେଗା ଉଠାଜଳସେଚନ ପ୍ରକଳ୍ପକୁ ଅବଲୋକନ କଲେ ଏହା ସ୍ପଷ୍ଟ ବାରି ହୋଇ ପଡୁଛି। ନଦୀ ଅବବାହିକାରୁ ଉଚ୍ଚ ଚାଷଜମିକୁ ଜଳସେଚନ କରିବାକୁ ରାଜ୍ୟ ସରକାର ୨୦୧୧-୧୨ ଆର୍ଥିକ ବର୍ଷରୁ ମେଗା ଉଠା ଜଳସେଚନ ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏଥିରେ ଯାଜପୁର ଜିଲାର ବଡ଼ଚଣା, ବରୀ, ଧର୍ମଶାଳା, ଯାଜପୁର ଓ ରସୁଲପୁର ବ୍ଲକ ଅଞ୍ଚଳରେ ପ୍ରବାହିତ କେଲୁଅ, ବିରୁପା, ତଣ୍ଡିଘାଇ, ଦୁଧେଇ ଓ ଖରସ୍ରୋତା ନଦୀରେ ୯ଟି ପ୍ରକଳ୍ପ ଦ୍ୱାରା ପ୍ରାୟ ୧୨,୮୦୦ ହେକ୍ଟର ଜମିରେ ଜଳସେଚନର ଯୋଜନା ହୋଇଥିଲା। ଯାହାକି ସମ୍ପୃକ୍ତ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଖୁସିର ଲହରି

- ୮ ବର୍ଷ ହେଲା ପରିକଳ୍ପନାରେ ସୀମିତ
- ବ୍ୟାପକ ଅନିୟମିତତା, ଦୁର୍ନୀତିରେ ଚାଲିଛି କାର୍ଯ୍ୟ
- କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଲାଗିବ ୫ରୁ ୬ ମାସ: ନିର୍ବାହୀଯନ୍ତ୍ରୀ

ଖେଳାଇ ଦେଇଥିଲା। ହେଲେ ପ୍ରକଳ୍ପର ଅଗ୍ରଗତିରେ ମନ୍ଥରତା ଚାଷୀଙ୍କ ଆଶାକୁ ଧୂଳିସାତ କରି ଦେଇଛି। ପନିପରିବା ଚାଷ ପାଇଁ ପ୍ରସିଦ୍ଧି ଲାଭ କରିଥିବା ରସୁଲପୁର ବ୍ଲକର ଖରସ୍ରୋତା ନଦୀରୁ ପ୍ରସ୍ତାବିତ ତୁଳସୀପୁର ଓ ରାଉତରାପୁର ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନୈରାଶ୍ୟଜନକ ରହିଛି। ଅନ୍ୟ ପ୍ରକଳ୍ପଗୁଡ଼ିକର ଅବସ୍ଥା ମଧ ତଦ୍ରୂପ। ରାଜ୍ୟ ଜଳ ସମ୍ପଦ ବିଭାଗ ଅଧିନସ୍ଥ ମେଗା ଉଠା ଜଳସେଚନ ୟୁନିଟ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାରେ ବଡ଼ଚଣା ନିର୍ବାଚନମଣ୍ଡଳୀର ୨୦୦୦ହେକ୍ଟର, ବରୀ ନିର୍ବାଚନମଣ୍ଡଳୀର ୩,୭୦୦ହେକ୍ଟର, ଧର୍ମଶାଳା ଓ କୋରେଇ ନିର୍ବାଚନମଣ୍ଡଳୀର ୫,୪୦୦ ହେକ୍ଟର ଏବଂ ଯାଜପୁର ନିର୍ବାଚନମଣ୍ଡଳୀର ୧୭୦୦ହେକ୍ଟର ଜମିରେ ଜଳସେଚନର ପ୍ରସ୍ତାବ ରହିଛି। ହେଲେ କିଛି ଦୂର ପର୍ଯ୍ୟନ୍ତ ପାଇପ ବିଛା କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଛିଣ୍ଡା-ଖରସ୍ରୋତା ନଦୀକୂଳ ଟିକରପଡ଼ାରେ ନିର୍ମାଣାଧୀନ ଷ୍ଟ୍ରକ୍ଚର କାର୍ଯ୍ୟ ଅଧାରେ ଲାଖିଛି। ଅନ୍ୟପକ୍ଷେ ଦର୍କୁଣ୍ଡି, ଟିକରପଡ଼ା, ଭଗୀରଥପୁର ଆଦି ଗ୍ରାମର ଚାଷୀଙ୍କ ଜମିରେ ବଡ଼ ବଡ଼ ପାଇପ ପଡି ରହିଥିବାରୁ ଚାଷ କାର୍ଯ୍ୟରେ ମଧ ବାଧା ସୃଷ୍ଟି ହେଉଥିବା ଚାଷୀମହଲରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ତୁଳସୀପୁରଠାରେ ନିର୍ମାଣାଧିନ ପ୍ରକଳ୍ପରୁ ଶ୍ରୀବନ୍ତପୁର, କାଣ୍ଡସରା, କାନପୁର, ଦିଆନଛକ, ଟିକରପଡ଼ା, କୁଜିବର, ଦରକୁଣ୍ଡି, ନଗୁଆଁ, ତୁଳସିପୁର, ଗନ୍ଧଣ, ମସୁରପୁର, ବ୍ରାହ୍ମଣ ନରସିଂହପୁର, ଭଗିରଥପୁର, ସାରଙ୍ଗପୁର, ପହଁଗା, ବାଉଁଶଅଣ୍ଟା, ଲଖନପୁର, ଖଣ୍ଟାସ, ବାରଲାଙ୍ଗି, ଭଗତଭଗବାନ, ଜାବରା, ଆଦମପୁର, ନଠୁଆବର, କୋରକରା ପ୍ରଭୃତି ଗାଁର ଜମିକୁ ଜଳ ଯୋଗାଇ ଦିଆଯିବ ବୋଲି ଚାଷୀ ମହଲରେ ଆଶା ରହିଛି। ସେହିପରି ରାଉତରାପୁରଠାରେ ସ୍ଥାପନ ହେଉଥିବା ଉଠା ଜଳସେଚନ ପ୍ରକଳ୍ପରୁ କୋରେଇ ବ୍ଲକର ବଡ଼ଟିକିରା, ଦାସଗଡ଼ିଆ, ଖଇରାବାଦ, ନହନ୍ଦା, କୁରୁପଦା, ବ୍ରାହ୍ମଣବାଡ଼, ଶାଳପଡ଼ା, ସୋତି, ରାମପୁରଶଗଡ଼ି, ଗୋଳେଇପୁର, ବଡ଼ବିରୁଆଁ, ସୋଲପଟା ବ୍ରହ୍ମପୁର, ନାଉଡ଼ପୁର, ନୂଆପାଟଣା, ବେଙ୍ଗବାଧବାପୁର, ଆମ୍ବତଳ, ବରେଇ, ତଣ୍ଡରା ଓ ରସୁଲପୁର ବ୍ଲକରୁ ରାଉତରାପୁର, ରାଧାନଗର, ପହଁଗା, ଲକ୍ଷ୍ମନଗର, କୃଷ୍ଣନଗର ପ୍ରଭୃତି ଗ୍ରାମର ଚାଷୀ ଉପକୃତ ହେବେ। ଅଥଚ କାର୍ଯ୍ୟ ଆରମ୍ଭ ହେବାର ୪ବର୍ଷ ପରେ ବି ଟାଙ୍କି ନିର୍ମାଣ କାର୍ଯ୍ୟ ଶେଷ ହୋଇ ପାରିନାହିଁ। ଫଳରେ ମରୁଡି ସମୟରେ ଚାଷୀ ଜଳସେଚନର ସୁବିଧା ନ ପାଇ ବ୍ୟାପକ କ୍ଷୟକ୍ଷତିର ସମ୍ମୁଖିନ ହୋଇ ଆସୁଛନ୍ତି। ଏସଂକ୍ରାନ୍ତରେ ମେଗା ଉଠା ଜଳସେଚନ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀ ସୁନୀଲ ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି କାର୍ଯ୍ୟର ଅଗ୍ରଗତି ଠିକ୍ ରହିଛି । ଆସନ୍ତା ୫ ରୁ ୬ ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଆଶା କରାଯାଉଛି। ହେଲେ ବାସ୍ତବ ଚିତ୍ର ଦେଖିଲେ ଅଧିକାରୀଙ୍କ ମତ କେବଳ ନିଜକୁ ଦୋଷମୁକ୍ତ କରିବା ଉଦ୍ଦେଶ୍ୟରେ ଭଳି ମନେ ହେଉଛି।

### ନାବାଳିକାଙ୍କୁ ଛୁରାମାଡ଼ ଅଭିଯୋଗରେ ଜେଲ ଗଲେ ଯୁବକ

ଧର୍ମଶାଳା,୩୦।୭(ଡି.ଏନ୍.ଏ.)

ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ଗ୍ରାମରେ ଜଣେ ନାବାଳିକାଙ୍କୁ ସେହି ଗ୍ରାମର ଜଣେ ଯୁବକ ଛୁରାମାଡ଼ କରିବା ଏବଂ ଫଟୋ ଭାଇରାଲ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ନେଉଳପୁର ଗ୍ରାମର ସେକ୍ ସକଲିମ୍ ଗତ ମାର୍ଚ୍ଚ ୨୬ତାରିଖରେ ନାବାଳିକାଙ୍କ କିଛି ଫଟୋ ଭାଇରାଲ କରିଥିଲେ। ଏନେଇ ନାବାଳିକାଙ୍କ ଦାଦା ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ଧର୍ମଶାଳା ପୋଲିସ ଏକ ମାମଲା(ନଂ.୧୩୭/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସରେ ମାମଲା ରୁଜୁ ପରଠାରୁ ସକଲିମ୍ ଫେରାର୍ ଥିଲେ। ତେବେ ଗତ ୧୬ତାରିଖରେ ସକ୍‌ଲିମ୍ ଗାଁକୁ ଆସି ପୂର୍ବ ରାଗ ରଖି ନାବାଳିକାଙ୍କୁ ଛୁରାମାଡ଼ କରିଥିଲେ। ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ଧର୍ମଶାଳା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣା ଥାନାରେ ଅଭିଯୋଗ ହେବା ପରେ ପୋଲିସ ସୋମବାର ରାତିରେ ସକ୍‌ଲିମ୍‌ଙ୍କୁ ଗିରଫ କରି ମଙ୍ଗଳବାର ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି। ସେଠାରେ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ୫-ଟି ସଂକ୍ରାନ୍ତରେ ମାନସମନ୍ଥନ

# ଅଧିକାରୀଙ୍କ ବ୍ୟବହାରରେ ସୁଧାର ଆବଶ୍ୟକ

ଯାଜପୁର ଅଫିସ,୩୦।୭



ଜିଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ମାନସମନ୍ଥନ ବୈଠକରେ ଉପସ୍ଥିତ ଅଧିକାରୀ।

ଆବେଦନକାରୀଙ୍କ ପ୍ରତି ଅଧିକାରୀ କିମ୍ବା କର୍ମଚାରୀଙ୍କ ବ୍ୟବହାର ବେଳେବେଳେ ଅତ୍ୟନ୍ତ ନିକୃଷ୍ଟ ହୋଇଥାଏ। ତେଣୁ ଏଥିରେ ସୁଧାର ଆଣି ଅଭିଯୋଗକାରୀଙ୍କୁ ଉପଯୁକ୍ତ ବ୍ୟବହାର ଦେବାକୁ ପଡ଼ିବ। ଏହାବାଦ ବିଭିନ୍ନ ସରକାରୀ ଯୋଜନାର ସଫଳତା ନିର୍ଦ୍ଧାରିତ ସମୟରେ ସମ୍ପାଦନ କରିବାକୁ ନୂଆ ଚିନ୍ତାଧାରାର ଉପଯୋଗ କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଆହ୍ୱାନ ଦେଇଛନ୍ତି। ମଙ୍ଗଳବାର ଜିଲାପାଳ ଦାସଙ୍କ ଅଧ୍ୟକ୍ଷତାରେ ୫-ଟି ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଟିମ୍ ୱର୍କ, ଟ୍ରାନ୍ସପ୍ୟାରେନ୍ସି, ଟେକ୍ନୋଲୋଜି, ଟ୍ରାନ୍ସଫରମେଶନ ଆଣ୍ଡ ଟାଇମ୍ ଭଳି ୫-ଟ୍ରିକ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି । ଏହି ଅନୁସାରେ କାର୍ଯ୍ୟ କଲେ ତାହା କାର୍ଯ୍ୟାଳୟର ଚାପକୁ ହ୍ରାସ, ତୁରନ୍ତ ଫଏସଲା, ସାଧାରଣ ଲୋକଙ୍କୁ ଠିକ୍ ସମୟରେ ସେବା ଯୋଗାଇବାରେ ସକ୍ଷମତା ସହ ସରକାରୀ ବ୍ୟବସ୍ଥାର ସୁନାମ ବୃଦ୍ଧିରେ ସହାୟକ ହେବ ବୋଲି ଜିଲାପାଳ କହିଥିଲେ। ବିଭିନ୍ନ ସ୍ତରରୁ ମିଳୁଥିବା ଚିଠି ଓ ଆବେଦନଗୁଡିକର ଗୁରୁତ୍ୱକୁ ଅନୁଭବ କରି ନୂତନ ଭାବେ କାର୍ଯ୍ୟକାରୀ ହେଉଥିବା ୫ଟି ସେଲ୍ ଏହାର ବର୍ଗୀକରଣ କରିବ। ଅତି ଗୁରୁତ୍ୱ ବହନ କରୁଥିବା ପତ୍ରଗୁଡିକ ୩ ତାରକା ବିଶିଷ୍ଟ, ଗୁରୁତ୍ୱ ବହନ କରୁଥିବା ପତ୍ର ୨ତାରକା ବିଶିଷ୍ଟ ଓ ଅନ୍ୟାନ୍ୟ ଜରୁରୀ ଚିଠି ଏକ ତାରକା ଭାବେ ଚିହ୍ନଟ କରାଯିବା ସହ ସିଲ୍ ଲଗାଯାଇ ସମ୍ପୃକ୍ତ ବିଭାଗକୁ ପ୍ରେରଣ କରାଯିବ। ୩ ତାରକା ବିଶିଷ୍ଟ ଚିଠିଗୁଡିକ ୨୪ ଘଣ୍ଟା ମଧ୍ୟରେ, ୨ ତାରକା ୩ ଦିନ ମଧ୍ୟରେ, ଏକ ତାରକା ବିଶିଷ୍ଟ ଚିଠି ୭ଦିନ ମଧ୍ୟରେ ଏବଂ ଅନ୍ୟାନ୍ୟ ଚିଠି ଧାର୍ଯ୍ୟ କରାଯାଇଥିବା ସମୟ ସୀମା ମଧ୍ୟରେ ସମ୍ପୃକ୍ତ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରିପୋର୍ଟ ଦେବା ବିଧେୟ। ଏଥିପାଇଁ ସମ୍ପୃକ୍ତ ବିଭାଗର ମୁଖ୍ୟ ଓ ପ୍ରତ୍ୟେକ କର୍ମଚାରୀ ଉତ୍ତରଦାୟୀ ରହିବେ। ଏପରିକି, ଯଦି କୌଣସି କର୍ମଚାରୀ ଛୁଟିରେ ଯାଉଛନ୍ତି ତେବେ ତାଙ୍କ ବିଭାଗର ଆବଶ୍ୟକୀୟ ଫାଇଲକୁ ଅନ୍ୟ କର୍ମଚାରୀଙ୍କ ମାର୍ଫତରେ ରଖିବେ। ଯଦ୍ୱାରା ଜଣଙ୍କ ଅନୁପସ୍ଥିତିରେ କାର୍ଯ୍ୟ ପରିଚାଳନାରେ କୌଣସି ସମସ୍ୟା ସୃଷ୍ଟି ହେବନାହିଁ। ନିଜ ବିଭାଗର କାମକୁ କିପରି ଅଧିକ ଶୃଙ୍ଖଳିତ ଓ ସମୟାନୁସାରେ ସମ୍ପନ୍ନ କରାଯିବ ସେ ସମ୍ପର୍କରେ ସମ୍ପୃକ୍ତ ବିଭାଗର ଅଧିକାରୀ ସମସ୍ତ କର୍ମଚାରୀଙ୍କୁ ନେଇ ଆଲୋଚନା କରି ନିର୍ଯ୍ୟାସ ବାହାର କରିବେ।କୌଣସି କ୍ଷେତ୍ରରେ ବିଳମ୍ବ ବା ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲାପାଳ ସ୍ପଷ୍ଟ କରି ଦେଇଥିଲେ । ଆସନ୍ତା ମାସ ଠାରୁ ଶେଷ ଶନିବାର ପୂର୍ବାହ୍ନରେ ନିର୍ଦ୍ଦିଷ୍ଟ ବିଭାଗ ଦ୍ୱାରୀ ୫-ଟିର ମାନସ ମନ୍ଥନ କରାଯିବ ଓ ବିଭାଗର କାର୍ଯ୍ୟ ସମୀକ୍ଷା କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲପୋଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଡେପୁଟି କଲେକ୍ଟର କାଜଲ ପ୍ରଧାନ, ପ୍ରଜ୍ଞା ହୋତା, ସହକାରୀ ଜିଲାପାଳ ତିଳୋତ୍ତମା ପୃଷ୍ଟି, ଅନୁପ କୁମାର ବେହେରା, ଜିଲା ମଙ୍ଗଳ ଅଧିକାରୀ ଚେତନା ସେଠୀ, ଡିସିପିଓ ନିରଞ୍ଜନ କର ପ୍ରମୁଖ ଯୋଗଦେଇଥିଲେ।

- ବିଳମ୍ବ କିମ୍ବା ଅବହେଳାକୁ ବରଦାସ୍ତ କରାଯିବ ନାହିଁ
- ୨୪ ଘଣ୍ଟା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ପତ୍ରର କାର୍ଯ୍ୟାନୁଷ୍ଠାନ ହେବ

### +୨ ଛାତ୍ରୀଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବିଞ୍ଝାରପୁର, ୩୦।୭ (ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବରୁଣେଶ୍ୱର ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ନବାଗତ +୨ କଳା, ବାଣିଜ୍ୟ, ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧକ୍ଷ କିର୍ତ୍ତନ ବିହାରୀ ସାମଲ ଅଧକ୍ଷତା କରିଥିବାବେଳେ ଅଧାପକ ଚତୁର୍ଭୁଜ ସାହୁ, ଅଧାପକ ବଟକୃଷ୍ଣ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। କେବଳ ପୁସ୍ତକ ଅଧୟନ ଛାତ୍ରୀଛାତ୍ରମାନଙ୍କ ଜୀବନର ଲକ୍ଷ୍ୟ ହେବା ଉଚିତ ନୁହେଁ। ଅଧୟନ ସହିତ ଛାତ୍ରୀଛାତ୍ରମାନେ ନିଜର ଭାବ ବିନିମୟ ଦକ୍ଷତା କମ୍ପ୍ୟୁଟର ଜ୍ଞାନ, ଶରୀର ସୁସ୍ଥତା ପ୍ରଭୃତି ଦିଗରେ ପାରଦର୍ଶିତା ଅର୍ଜନ କରିବା ଉଚିତ୍ ବୋଲି ଉପସ୍ଥିତ ଅଧାପିକାଅଧାପକମାନେ ମତ ପୋଷଣ କରିଥିଲେ। ଏହି ସଭାରେ ମହାବିଦ୍ୟାଳୟର ଅଧାପକ ଅନିରୁଦ୍ଧ ସାହୁ, ନଳିନୀକାନ୍ତ ଜେନା, ମିହିର ବିକାଶ ମହାନ୍ତି, ଅଶୋକ ସାହୁ, କୃଷ୍ଣ ଚନ୍ଦ୍ର ଜେନା, ଧନଞ୍ଜୟ ମିଶ୍ର, ପ୍ରବୀର କୁମାର କର, ବାସୁଦେବ ମଲ୍ଲିକ, ଅରୁଣ ବିକାଶ କର, ନୃସିଂହ ଚରଣ ଧଳ, ବିନ୍ଦୁରେଖା ନାୟକ, ମନସ୍ୱିନୀ ବେହେରା, ଗୁରୁ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ନିରଞ୍ଜନ ପଣ୍ଡା, ବଟକୃଷ୍ଣ ଦାସ, ନଟବର ବିନ୍ଧାଣୀ, ପ୍ରେମଲତା ବାରିକ, ସଚ୍ଚିଦାନନ୍ଦ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

## ବାଇକ୍ ଚୋରି ଅଭିଯୋଗରେ ୨ ଅଭିଯୁକ୍ତ କୋର୍ଟ ଚାଲାଣ

ରସୁଲପୁର,୩୦।୭(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଖଣ୍ଡିତର ଛକ ନିକଟରୁ ବାଇକ ଚୋରି ଘଟଣାରେ କୁଆଖିଆ ପୋଲିସ ସୋମବାର ରାତିରେ ୨ଜଣ ଅଭିଯୁକ୍ତଙ୍କୁ ସୁଆଁମୁହିଁ ଗ୍ରାମରୁ ଗିରଫ କରିଛି। ଅଭିଯୁକ୍ତ ସୁବ୍ରତ ମଲ୍ଲିକ(୨୦) ଓ ସୁନନ୍ଦ ମଲ୍ଲିକ(୧୯)ଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରରାଯାଇଛି। ସେମାନଙ୍କ ଠାରୁ ଚୋରି ବାଇକ୍ ସହ ଆଉ ଏକ ସ୍କୁଟି ଜବତ କରାଯାଇଛି।

ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ରାତିରେ ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ବଜାର ନିକଟସ୍ଥ ଶଙ୍ଖାରିଡିହ ଅଞ୍ଚଳର ରତିକାନ୍ତ ଶତପଥି ଏକ ପଲ୍‌ସର ବାଇକ୍‌ରେ ଯାଜପୁର ରୋଡକୁ ଯାଉଥିଲେ । ଅଧାବାଟରେ ରାସ୍ତା ପାର୍ଶ୍ୱରେ ଗାଡ଼ି ରଖି ଶୌଚ ହେବାକୁ ଯାଇଥିଲେ। ଶୌଚ ସାରି ଫେରି ଦେଖନ୍ତି ତ ତାଙ୍କ ବାଇକ୍‌କୁ କେହି ଚୋରି କରି ନେଇଥିଲେ। ଏ ସମ୍ପର୍କରେ ରତିକାନ୍ତ ଶନିବାର କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ. ୧୮୮/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୋମବାର ରାତିରେ ସୁଆଁସାହି ଗ୍ରାମରେ ଚଢ଼ାଉ କରି ସୁବ୍ରତଙ୍କ ଘରୁ ଚୋରି ବାଇକ୍ ଓ ସୁନନ୍ଦଙ୍କ ଘରୁ ଏକ ସ୍କୁଟିକୁ ଜବତ କରିଥିଲା। ଗତ କିଛି ମାସ ହେବ କୁଆଖିଆ ଥାନା ଅନ୍ତର୍ଗତ ସତ୍‌ସଙ୍ଗ ବିହାରଠାରୁ ଖଣ୍ଡିତର ଛକ ପର୍ଯ୍ୟନ୍ତ ରାଜପଥ ଲୁଟେରାଙ୍କ ଆଡ୍ଡାସ୍ଥଳି ପାଲଟିଛି । ଏହି ଅଞ୍ଚଳରେ ନାନା ସମୟରେ ଚୋରି, ଡକାୟତି, ଲୁଟ୍, ଅପହରଣ ଭଳି ବଡ଼ବଡ଼ ଘଟଣାମାନ ଘଟୁଛି। ଏପରି କି ପୋଲିସ ପାଟ୍ରୋଲିଂକୁ ଚୋରମାନେ ମଧ ଖାତିରି କରୁନାହାନ୍ତି। ଯାହାକି ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।



ପୋଲିସ ହେପାଜତରେ ଗିରଫ ୨ ଅଭିଯୁକ୍ତ।

## ଫନୀ ଦ୍ୱାରା ଚାଷୀ କ୍ଷତିଗ୍ରସ୍ତ

# ଘରଭଙ୍ଗା ପରିବାରକୁ ସହାୟତା ପାଇଁ ଦାବି

ଧର୍ମଶାଳା,୩୦।୭(ଡି.ଏନ୍.ଏ.)

ଫନୀବାତ୍ୟା ଦ୍ୱାରା ଧର୍ମଶାଳା ବ୍ଲକରେ ବ୍ୟାପକ ଜମିରେ ଚାଷନଷ୍ଟ ହେବାସହ ବହୁ ପରିବାର ଗୃହଶୂନ୍ୟ ହୋଇପଡ଼ିଥିଲେ। କ୍ଷତିଗ୍ରସ୍ତ ଚାଷୀ ଓ ଘରଭଙ୍ଗା ପରିବାରକୁ ଅଦ୍ୟାବଧି ସହାୟତା ପ୍ରଦାନ କରାଯାଇ ନଥିବାରୁ ତୁରନ୍ତ ସହାୟତା ପ୍ରଦାନ କରିବା ପାଇଁ ଧର୍ମଶାଳା ଭାଜପା ଓ କଂଗ୍ରେସ ପକ୍ଷରୁ ଦାବିକରାଯାଇଛି। ଗତ ଫନୀ ବାତ୍ୟାରେ ଧର୍ମଶାଳା ବ୍ଲକର ୨୯ ପଞ୍ଚାୟତର ୧୦୧ ମୌଜାରେ ୪୨୨ହେକ୍ଟର ଜମି ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିବା ସରକାରୀ ଭାବେ ଦର୍ଶାଯାଇଥିଲା। ଏହି କ୍ଷତି ଭରଣା ପାଇଁ ୫୬ଲକ୍ଷ ୧୬ହଜାର ୭୨୫ଟଙ୍କା ଆବଶ୍ୟକ ଥିବା ଜିଲାପାଳଙ୍କୁ କୃଷି ବିଭାଗ ଅବଗତ କରିଥିଲା। ସେହିପରି ଫନୀ ବାତ୍ୟାରେ ଏହି ବ୍ଲକର ୨ଶହରୁ ଉର୍ଦ୍ଧ୍ୱ ଚାଳଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାବେଳେ ୮ଶହରୁ ଉର୍ଦ୍ଧ୍ୱ ଘର ଆଂଶିକ ଭାଙ୍ଗିଥିଲା। ଅନେକ ପରିବାର ବାତ୍ୟାରେ ଗୃହଶୂନ୍ୟ ହୋଇ ତହସିଲପକ୍ଷରୁ ପ୍ରଦତ୍ତ ପାଲତଳେ ଜୀବନ ବିତାଉଛନ୍ତି। ତେବେ ଏବେ ବର୍ଷା ଲାଗିରହିଥିବାରୁ ପାଲତଳେ ଥିବା ପରିବାରର ଜୀବନ ଦୁର୍ବିସହ ହୋଇପଡିଛି। ଫନି ବାତ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଚାଷୀ ଓ ବାସ ହୀନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଧର୍ମଶାଳା ଭାଜପା ନେତା ରମେଶ ପରିଡା ଓ କଂଗ୍ରେସ ପକ୍ଷରୁ ପୂର୍ବତନ ବ୍ଲକ ଅଧକ୍ଷ କିଶାନ ପଣ୍ଡା, କୃଷକ ନେତା ବସନ୍ତ ପରିଡା ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ମୋ ଗୁହାଳ ଯୋଜନାରେ ଅନିୟମିତତା

ରସୁଲପୁର,୩୦।୭(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ମୋ ଗୁହାଳ ଯୋଜନା ବାଟବଣା ହୋଇଛି। ଏଠାରେ ଯୋଗ୍ୟ ହିତାଧିକାରୀଙ୍କୁ ଅଣଦେଖା କରାଯାଇ ଅଯୋଗ୍ୟଙ୍କୁ ଯୋଜନାରେ ସାମିଲ କରାଯାଇଛି। ଏଦିଗରେ ରସୁଲପୁର ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ବିଡିଓ ଉମାକାନ୍ତ ପରିଡା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଭୋଟକା ଗ୍ରାମର ରତ୍ନାକର ମଳିକ ଜଣେ ଯୋଗ୍ୟ ହିତାଧିକାରୀ ହୋଇଥିଲେ ବି ତାଙ୍କ ନାମ ମୋ ଗୁହାଳ ହିତାଧିକାରୀ ତାଲିକାରେ ନାହିଁ। ଅପରପକ୍ଷରେ ଏହି ଯୋଜନାରେ ଆବଶ୍ୟକୀୟ ମାନଦଣ୍ଡ ପୂରଣ କରୁ ନ ଥିବା ଲୋକଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଲାଞ୍ଚ ଦେଇ ଏଭଳି କାରନାମା କରାଯାଉଥିବା ଅଭିଯୋଗ ହେଉଛି। କେତେକ ବ୍ୟକ୍ତି ରସୁଲପୁର ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀଙ୍କୁ ପ୍ରଭାବିତ କରି ଗୁହାଳ ପାଇଁ ଯୋଗ୍ୟ ପ୍ରମାଣପତ୍ର ହାତେଇଛନ୍ତି। ଏନେଇ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ଘଟଣା ଲୋକଲୋଚନକୁ ଆସିପାରିବ ବୋଲି ରତ୍ନାକର ଦାବି କରିଛନ୍ତି।




### ଭୋଟକା ପଞ୍ଚାୟତ

- ହିତାଧିକାରୀ ଚୟନରେ ଚଞ୍ଚକତା
- ଅଯୋଗ୍ୟ ହିତାଧିକାରୀ ହାତେଇଛନ୍ତି କାର୍ଯ୍ୟାଦେଶ

ରତ୍ନାକରଙ୍କ ୬ଟି ଗାଈବାଛୁରୀ ଓ ୨୩ଟି ଛେଳି ଅଛନ୍ତି । ହେଲେ ସରକାରଙ୍କ ମୋ ଗୁହାଳ ଯୋଜନାରେ ତାଙ୍କୁ ସାମିଲ କରାଯାଇନାହିଁ । ଏହି ଯୋଜନା ଜରିଆରେ ଗୁହାଳ ଘର ଓ ଚଟାଣ ତିଆରି ପାଇଁ ୧ଲକ୍ଷ ୧୩ ହଜାର ଟଙ୍କା ଅନୁଦାନ ମିଳୁଛି। ସାମଗ୍ରୀ କିଣିବା ପାଇଁ ୯୦ହଜାର ୪୦୦ଟଙ୍କା ଓ ଶ୍ରମିକଙ୍କ ମଜୁରୀ ବାବଦକୁ ୨୨ହଜାର ୬୦୦ ଟଙ୍କା ବ୍ୟୟ କରାଯିବା ପାଇଁ ନିୟମ ରହିଛି। ଅର୍ଥ ହଡ଼ପ କରିବା ପାଇଁ ପଞ୍ଚାୟତରେ ଗୋରୁ ରଖି ନ ଥିବା ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ସାଧୁଚରଣ ସାହୁ, ଭାସ୍କର ସାହୁ, ଶଶିଭୂଷଣ ସାହୁ, ବୀରବର ରାଉତ, ପ୍ରଦୀପ ଦାସ, ଶଶିଭୂଷଣ ରାଉତ ପ୍ରମୁଖଙ୍କ ୨ରୁ ଅଧିକ ଗୋରୁ ନ ଥିବାବେଳେ ସେମାନଙ୍କ ନାମରେ ଗୁହାଳ ଯୋଜନା ଜରିଆରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ରତ୍ନାକର ଅଭିଯୋଗ କରିଛନ୍ତି। ନିୟମ ମୁତାବକ ଅନ୍ୟୁନ ୬ଟି ଗାଈଗୋରୁ ନ ଥିଲେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ସମ୍ଭବପର ନୁହେଁ। କିନ୍ତୁ ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀଙ୍କ ଠାରୁ ମିଥ୍ୟା ପ୍ରମାଣପତ୍ର ହାସଲ କରି ଅନେକ କାର୍ଯ୍ୟାଦେଶ ପାଇଛନ୍ତି। ଅପରପକ୍ଷରେ ଯୋଗ୍ୟ ହିତାଧିକାରୀଙ୍କ ଗୁହାଳ ନ ଥିବାରୁ ଗୃହପାଳିତ ପଶୁଗୁଡ଼ିକ ବର୍ଷା ଦିନରେ ବାହାରେ ରହି ହଇରାଣ ହେଉଛନ୍ତି। ଏଦିଗରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ତାଲିକାରୁ ଅଯୋଗ୍ୟଙ୍କୁ ବାଦ୍ ଦିଆଯାଇ ଯୋଗ୍ୟଙ୍କୁ ସାମିଲ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବିଡିଓ ପରିଡ଼ା କହିଛନ୍ତି ଯେ, ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀଙ୍କ ପକ୍ଷରୁ ଗୋରୁ ନ ଥିବା ଲୋକଙ୍କୁ ପ୍ରମାଣପତ୍ର ଦିଆଯାଇଥିବା ନେଇ କୌଣସି ସୂଚନା ତାଙ୍କ ପାଖରେ ନାହିଁ। ପ୍ରମାଣପତ୍ର ହାସଲ କରିଥିବା ଲୋକଙ୍କର ଗୋରୁ ନାହିଁ ବୋଲି ଅଭିଯୋଗ ଆସିଲେ ତାକୁ ବାତିଲ କରିଦିଆଯିବ ବୋଲି ପରିଡ଼ା ପ୍ରକାଶ କରିଛନ୍ତି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩୧ ଜୁଲାଇ, ୨୦୧୯



ଯେଉଁମାନେ ଗୁଡ଼ାଏ କଥା କୁହନ୍ତି,
ସେମାନେ ଖୁବ୍ କମ୍ ଚିନ୍ତା କରନ୍ତି।
- ଜନ୍ ଡ୍ରାଇଡେନ୍



## ସଂକ୍ଷେପରେ

### ରାଗୀ ସ୍ଥାନାନ୍ତର ପ୍ରସଙ୍ଗ ଏନ୍ଏଚ୍ଆରସିରେ ଅଭିଯୋଗ, ପୀଡ଼ିତାଙ୍କୁ ୩ଲକ୍ଷ କ୍ଷତିପୂରଣ ଦାବି

**ପୁରୀ ଅଫିସ, ୩୦।୭:** ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଘରୋଇ ମେଡିକାଲକୁ ରୋଗୀ ସ୍ଥାନାନ୍ତର କରାଯାଉଥିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଘଟଣାର ତଦନ୍ତ ଲାଗି ସିଡିଏମ୍ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଡିଏମ୍ଓ ଏହି ଘଟଣାର ତଦନ୍ତ ଲାଗି ଏଡିଏମ୍ଓ(ମେଡିକାଲ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ଏଡିଏମ୍ଓ ମେଡିକାଲ ଶିଶିର ରଥ କହିଛନ୍ତି। ଅନ୍ୟପଟେ ଏହି ଘଟଣାର ତଦନ୍ତ ଲାଗି ମାନବାଧିକାର କର୍ମୀ ଜୟନ୍ତ ଦାଶ ଜାତୀୟ ମାନବାଧିକାର କମିଶନ(ଏନଏଚଆରସି)ଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ସହ ପୀଡିତାଙ୍କୁ ୩ଲକ୍ଷ କ୍ଷତିପୂରଣ ପ୍ରଦାନ ଲାଗି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବା ସହ ଏହି ଟଙ୍କା ସଂପୃକ୍ତ ଡାକ୍ତର ଏବଂ ସିଡିଏମଓଙ୍କ ଠାରୁ ଆଦାୟ ଲାଗି ସେ ଦାବି କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏକ ସ୍ୱତନ୍ତ୍ର ଟିମ୍ ଜରିଆରେ ଏହି ଘଟଣାର ତଦନ୍ତ ଲାଗି ମୁଖ୍ୟଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବା ସହ ସଂପୃକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଏନଏଚଆରସିରେ ଦାବି କରିଛନ୍ତି। ଜୁଲାଇ ୧୮ରେ ସ୍ଥାନୀୟ ମାଟିଆପଡା ଛକ ନିବାସୀ ଗୁରୁପ୍ରସାଦ ମହାନ୍ତି ନାମକ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀ ସୁମିତ୍ରାଙ୍କ ଆପେଣ୍ଡିସାଇଟ୍ସ ଅପରେଶନ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ତାଙ୍କ ଅବସ୍ଥା ଗୁରୁତର ରହିଥିବାରୁ ସୁମିତ୍ରାଙ୍କୁ ସର୍ଜରି ୱାର୍ଡରେ ଭର୍ତ୍ତି କରିଥିଲେ। ଚିକିତ୍ସା ସଂକ୍ରାନ୍ତରେ ଗୁରୁପ୍ରସାଦ ଡ୍ୟୁଟିରେ ଥିବା ଜନୈକ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। ସଂପୃକ୍ତ ଡାକ୍ତର ସୁମିତ୍ରାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ତୁରନ୍ତ ଅପରେଶନ କରିବାକୁ ପଡିବ ବୋଲି କହିଥିଲେ। ଏଠାରେ କୌଣସି ବ୍ୟବସ୍ଥା ନାହିଁ, ବସ୍ଷ୍ଟାଣ୍ଡ ନିକଟରେ ଥିବା ଘରୋଇ ଚିକିତ୍ସାଳୟକୁ ନେଇଯିବାକୁ କହିଥିଲେ। ଏକ ଚିରିକୁଟିରେ ରୋଗୀଙ୍କ ନାମ ଲେଖି ସଂପୃକ୍ତ ଘରୋଇ ଚିକିତ୍ସାଳୟ ଡାକ୍ତରଙ୍କ ସହ ସାକ୍ଷାତ କଲେ କମ୍ ଖର୍ଚ୍ଚ ହେବ ବୋଲି କହିଥିଲେ।

### ପାଠ୍ୟ ଉପକରଣ ପ୍ରଦର୍ଶନୀ, ଜ୍ଞାନମେଳା

**ପୁରୀ ଅଫିସ, ୩୦।୭:** ହରଚଣ୍ଡିସାହି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ପାଠ୍ୟ ଉପକରଣ ପ୍ରଦର୍ଶନୀ ଓ ଜ୍ଞାନମେଳା କାର୍ଯ୍ୟକ୍ରମ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏସ୍ସିଏସ୍ କଲେଜ ପ୍ରଫେସର ଗୁରୁଚରଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଗବେଷଣାତ୍ମକ ମନୋଭାବ ନେଇ ବିଦ୍ୟା ଅଧ୍ୟୟନ ଲାଗି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପରିଚାଳନା କମିଟି ଉପସଭାପତି ଦୀନବନ୍ଧୁ ତ୍ରିପାଠୀ ସମ୍ମାନିତ ଅତିଥି ରହିଥିଲେ। ପ୍ରଧାନ ଆଚାର୍ଯ୍ୟା ଚିନ୍ମୟୀ ଦେବୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପାଠ୍ୟ ଉପକରଣ ମେଳା, ବୈଦିକ ଗଣିତ, ସଂସ୍କୃତି ବୋଧ, ଜ୍ଞାନ ମେଳା ଆଦି ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନାରେ ସମସ୍ତ ଗୁରୁଜୀ, ଗୁରୁମା' ସହଯୋଗ କରିଥିଲେ।

# ଦିଗହରା କଳାକାର ସଂଘ

**ରଞ୍ଜନ କୁମାର ପ୍ରଧାନ**
**ନୟାଗଡ଼ ଅଫିସ,୩୦।୭**

- ବସୁନାହିଁ ବୈଠକ, ପରିବର୍ତ୍ତନ ହେଉନାହାନ୍ତି ସମ୍ପାଦକ
- ସଂଘ କାର୍ଯ୍ୟ ତଦାରଖ କରୁନାହାନ୍ତି ବିଡିଓ
- ଜିଲା ଭିତରେ ସୀମିତ କଳାକାରଙ୍କ କଳା ପ୍ରଦର୍ଶନ

କଳା,ସଂସ୍କୃତି ଓ ଐତିହ୍ୟର ପୀଠ ନୟାଗଡ଼ ଜିଲା । ଦଣ୍ଡନାଚ, ବାଉଁଶରାଣୀ, ପାଲା, ଦାସକାଠିଆ, ଚଢ଼େୟା ଚଢ଼େୟାଣୀ ଭଳି ୧୪ ପ୍ରକାର ଲୋକକଳା ଆପଣେଇଛନ୍ତି ଜିଲାର କଳାକାର। ହେଲେ ଏହି କଳାକାରମାନେ କିନ୍ତୁ ଉପେକ୍ଷିତ। ସେମାନେ ଉପଯୁକ୍ତ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ବିଭିନ୍ନ ନାମକରା କଳାକାରମାନେ ଥିଲେ ମଧ୍ୟ ଜିଲା ଭିତରେ ସୀମିତ ରହିଛି ସେମାନଙ୍କର କଳା ପ୍ରଦର୍ଶନ। ସୁଯୋଗ ଅଭାବରୁ ବର୍ତ୍ତମାନ ସୁଦ୍ଧା କୌଣସି ଗୋଟିଏ କଳାକାର ସଂଘ ଜିଲା ବାହାରକୁ ଯାଇ ସେମାନଙ୍କର କଳା ପ୍ରଦର୍ଶନ କରି ପାରିନାହାନ୍ତି। ଓଡ଼ଗାଁ ବ୍ଲକ କୁରାଳ ପଞ୍ଚାୟତ ନାଠିଆପଲ୍ଲୀ ଗ୍ରାମରେ ବାଉଁଶରାଣୀ କଳାକାରମାନେ ଅଛନ୍ତି। ସେମାନେ ନିଜ ଉଦ୍ୟମରେ ରାଜ୍ୟ ବାହାରକୁ ଯାଇ ସେମାନଙ୍କ କଳା ପ୍ରଦର୍ଶନ କରୁଥିବା ବେଳେ ଜିଲା ତରଫରୁ ସେମାନଙ୍କୁ କୌଣସି ପ୍ରୋତ୍ସାହନ ଦିଆ ଯାଉ ନ ଥିବା ଅଭିଯୋଗ ହେଉଛି। ସେହିପରି ଅନ୍ୟ କଳାକାରମାନେ କେବଳ ବର୍ଷର ଶେଷ ଆଡ଼କୁ ଡିସେମ୍ବର ମାସରେ ଅନୁଷ୍ଠିତ ଜିଲା ମହୋତ୍ସବରେ ସେମାନଙ୍କ କଳା ପରିବେଷଣ କରିଥାନ୍ତି।

ସେହିପରି କଳାକାରମାନଙ୍କୁ ନେଇ ବିଭିନ୍ନ ସଂଘ ଗଠନ କରାଯାଇଛି। ଜିଲାରେ ୪୦୦ କଳାକାର ସଂଘ ଗଠନ କରାଯାଇଥିବା ବେଳେ ଏଥିରେ ୩୯୫୧ ଜଣ କଳାକାର ସଦସ୍ୟ ଅଛନ୍ତି। ସେମାନେ ୧୪ଟି ବିଭିନ୍ନ ବିଭାଗରେ କଳା ପ୍ରଦର୍ଶନ କରୁଛନ୍ତି। ଜିଲା କଳାକାର ସଂଘ ଗଠନ କରାଯାଇଥିବା ବେଳେ ପ୍ରତି ବ୍ଲକରେ ବ୍ଲକ କଳାକାର ସଂଘ ଗଠନ କରାଯାଇଛି। ଜିଲାପାଳ ଜିଲା କଳାକାର ସଂଘରେ ଅଧ୍ୟକ୍ଷ ହୋଇଥିବା ବେଳେ ଅତିରିକ୍ତ ଜିଲାପାଳ ଉପାଧ୍ୟକ୍ଷ ଅଛନ୍ତି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଜିଲା ସଂସ୍କୃତି ଅଧିକାରୀ ସମ୍ପାଦକ ଅଛନ୍ତି। ୮ ଜଣ ବରିଷ୍ଠ କଳାକାର ପ୍ରତି ବ୍ଲକର ଉପସଭାପତି ରହିଛନ୍ତି। ଏହି ୮ ଜଣଙ୍କ ମଧ୍ୟରୁ ଜଣେ କଳାକାର ଜିଲା ସଂଘର ଉପସଭାପତି ହୁଅନ୍ତି। ବିଡ଼ିଓ ବ୍ଲକ କଳାକାର ସଂଘର ଅଧ୍ୟକ୍ଷ ହୋଇଥିବା ବେଳେ ଜଣେ ମନୋନୀତ କଳାକାର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଥାନ୍ତି।



ଜିଲା ସଂସ୍କୃତି ଭବନ।

ପ୍ରକାଶ ଯେ, ପ୍ରତି ୩ ବର୍ଷରେ ଥରେ ବୈଠକ ବସି ସମ୍ପାଦକ ପଦବୀରେ ପରିବର୍ତ୍ତନ ହେବା ସହିତ ବିଭିନ୍ନ ଆଲୋଚନା ହୋଇଥାଏ। ହେଲେ ଜିଲାର କୌଣସି ବ୍ଲକରେ ବିଗତ ୫ ବର୍ଷ ହେଲା ବୈଠକ ବସି ନାହିଁ କି ସମ୍ପାଦକମାନେ ପରିବର୍ତ୍ତନ ହୋଇନାହାନ୍ତି। ଫଳରେ କଳାକାର ସଂଘ କିପରି ଭାବେ ପରିଚାଳିତ ହେଉଥିବ ତାହା ସହଜରେ ଅନୁମେୟ।

ଅନ୍ୟପକ୍ଷେ ୨୦୧୪ରେ ରାଜ୍ୟ ସରକାର ଜିଲା କଳାକାର ସଂଘକୁ ୫ ଲକ୍ଷ ଓ ବ୍ଲକ କଳାକାର ସଂଘକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ଦେଇଥିଲେ। ଉକ୍ତ ଟଙ୍କା ବ୍ଲକର କଳାକାରଙ୍କ ଦରକାର ସମୟରେ ଆସିବା ସହିତ ପରେ ସେମାନଙ୍କ ଠାରୁ ଅଣାଯାଇ ଆକାଉଣ୍ଟରେ ରଖାଯିବାର ବ୍ୟବସ୍ଥା ରହିଛି । ଏହା ପରେ ଉକ୍ତ ଟଙ୍କା ମାଧ୍ୟମରେ ପ୍ରତି ବ୍ଲକରେ କଳାକାରମାନେ ସୂଚନାଧର୍ମୀ କାର୍ଯ୍ୟକ୍ରମମାନ କରିବେ। ହେଲେ ବିଭିନ୍ନ ବ୍ଲକରେ କେଉଁ ବାଟେ ଏହି ଟଙ୍କା ଖର୍ଚ୍ଚ ହେଉଛି ତାହାର ହିସାବ ମିଳୁନାହିଁ। ଏପରିକି ଗଣିଆ ବ୍ଲକ କଳାକାର ସଂଘକୁ ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲେ ମଧ୍ୟ ସେମାନେ ପାଇ ନ ଥିବା କହୁଛନ୍ତି। ଅନ୍ୟ ବ୍ଲକ କଳାକାର ସଂଘ ପକ୍ଷରୁ ୨ ଲକ୍ଷ ଟଙ୍କାର ୟୁସି ମଧ୍ୟ ଦାଖଲ କରାଯାଇନାହିଁ। ନୂଆ କଳାକାରମାନେ ବିଡିଓଙ୍କଠାରେ ସେମାନଙ୍କ ନାମ ପଞ୍ଜୀକୃତ କରାଇବା ପାଇଁ ନିୟମ ଥିବା ବେଳେ କୌଣସି କଳାକାର ପଞ୍ଜୀକୃତ ହୋଇ ନ ଥିବା ଜଣାପଡ଼ିଛି। କଳାକାରମାନେ କେଉଁଠି ସେମାନଙ୍କ ନାମ ପଞ୍ଜୀକୃତ କରିବେ ସେ ନେଇ ଦ୍ୱନ୍ଦ୍ୱରେ ରହୁଛନ୍ତି। ଜିଲାରେ ବର୍ତ୍ତମାନ ୧୦୪୨ ଜଣ କଳାକାର ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ପାଉଛନ୍ତି। ଉଲ୍ଲେଖଯୋଗ୍ୟ ପ୍ରତି ବ୍ଲକରେ ଥିବା କଳାକାର ସଂଘର କାର୍ଯ୍ୟକଳାପକୁ ବିଡିଓ ତଦାରଖ କରିବା କଥା, ହେଲେ ସମସ୍ତ ବ୍ଲକର ବିଡିଓ କୌଣସି ବୈଠକ ନ କରି ହାତ ଟେକି ଦେଇଛନ୍ତି। କାର୍ଯ୍ୟ ଚାପ ବାହାନାରେ କଳାକାରମାନଙ୍କ କାର୍ଯ୍ୟକୁ ଏଡାଇ ଦେଉଥିବା ଅଭିଯୋଗ ହେଉଛି। କଳାକାରମାନଙ୍କୁ ନେଇ ବିଭିନ୍ନ ବିଭାଗ ଆଇଇସି ଆକ୍ଟିଭିଟି ମାଧ୍ୟମରେ ସଚେତନତା କରାଇବା କଥା, ମାତ୍ର ସେହିଭଳି କିଛି ହେଉନାହିଁ। ଫଳରେ ଜିଲାରେ ଥିବା କଳାକାର ସଂଘ ଦିଗହରା ହୋଇଥିବା ନେଇ ଆଲୋଚନା ହେଉଛି। ଏ ନେଇ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଜିଲା ସଂସ୍କୃତି ଅଧିକାରୀ ଡ. ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରୁ ସେ କୁହନ୍ତି, ବିଡିଓମାନେ କୌଣସି ବୈଠକ କରୁନାହାନ୍ତି, ତେବେ ଜିଲାର କଳାକାରମାନେ ବିଭିନ୍ନ ପ୍ଲାଟଫର୍ମରେ ସେମାନଙ୍କ କଳା ନୈପୁଣ୍ୟତାକୁ ପ୍ରଦର୍ଶନ କରୁଥିବା ସେ କହିଥିଲେ।

### ବରିଷ୍ଠ ନାଗରିକ ମଞ୍ଚ ତରଫରୁ ବୃକ୍ଷରୋପଣ

**ଦଶପଲ୍ଲା,୩୦।୭ (ଡି.ଏନ.ଏ.)**

ଦଶପଲ୍ଲା ରାଧାମୋହନ ଜୀଉ ହାଇସ୍କୁଲ ପରିସରରେ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ମଙ୍ଗଳବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲ ପରିସରରେ ପ୍ରଧାନଶିକ୍ଷକ ରଘୁନାଥ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରା, ଉପଦେଷ୍ଟା ଅନ୍ତର୍ଯାମୀ ଭୂୟାଁ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣର ଉଦ୍ଦେଶ୍ୟ ଓ ତାହାର ସମାଜ ପ୍ରତି ଆବଶ୍ୟକତା, ପରିବେଶ ଓ ଅମ୍ଳଜାନ ସମ୍ପର୍କରେ ଆଲୋକପାତ କରିଥିଲେ। ସମସ୍ତେ ନିଜ ନିଜ ବାଡ଼ି ବଗିଚାରେ ବୃକ୍ଷରୋପଣ ପାଇଁ ଆହ୍ୱାନ କରାଯାଇଥିଲା। ବିଦ୍ୟାଳୟ ପରିସରରେ ଅଁଳା, ଜାମୁ, ଆକାଶିଆ ପ୍ରଭୃତି ଚାରା ଛାତ୍ରୀଛାତ୍ରଙ୍କ ସମେତ ଅତିଥିମାନେ ରୋପଣ କରିଥିଲେ।

### ଚାରାରୋପଣ କାର୍ଯ୍ୟକ୍ରମ

**ବୋଲଗଡ଼,୩୦।୭(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ପାଟବନ୍ଧସ୍ଥିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବନ୍ଧର ନିମ୍ନ ଅଞ୍ଚଳରେ ମଙ୍ଗଳବାର ବିଭିନ୍ନ ପ୍ରକାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମା'ବୁଢୀଦେଈ ସିଂହନାଦ ଜଳ ବ୍ୟବହାରକାରୀ ସଂଘ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଅଁଳା, ଆକାଶୀ, ପଟାସ ଆଦି ବୃକ୍ଷର ଚାରାରୋପଣ କରାଯାଇଥିଲା। ସଂଘ କର୍ମକର୍ତ୍ତା, ସଦସ୍ୟାସଦସ୍ୟ ଓ କ୍ଷୁଦ୍ର ଜଳସେଚନ ବିଭାଗର ସ୍ଥାନୀୟ କର୍ମଚାରୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କୁ ମତ୍ସ୍ୟ ଚାଷ ପ୍ରଶିକ୍ଷଣ




ଅଧିକାରୀମାନେ ପ୍ରଶିକ୍ଷଣ ସମ୍ପର୍କିତ ପୁସ୍ତିକା ପ୍ରଦାନ କରୁଛନ୍ତି।

**ନୂଆଗାଁ,୩୦।୭ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ସଭାଗୃହ ମଧ୍ୟରେ ମଙ୍ଗଳବାର ମିଶନ ଶକ୍ତି ଓ ବିଶ୍ୱ ମତ୍ସ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ନୟାଗଡ଼ ମତ୍ସ୍ୟ ବିଭାଗ ପକ୍ଷରୁ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀର ସଭ୍ୟାମାନଙ୍କୁ ମତ୍ସ୍ୟ ଚାଷ ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ରାଜ୍ୟରେ ମହିଳାମାନେ କିଭଳି ନିଜେ ରୋଜଗାରକ୍ଷମ ହୋଇପାରିବେ ସେଥିପାଇଁ ମିଶନ ଶକ୍ତି ବିଭିନ୍ନ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରୁଛି। ସେଥିମଧ୍ୟରୁ ମତ୍ସ୍ୟଚାଷ ଅନ୍ୟତମ। ପଞ୍ଚାୟତଗୁଡିକରେ ଥିବା ପୋଖରୀରେ ମାଛ ଚାଷ କରି ଦେଶରୁ ଅପପୁଷ୍ଟି ରୋଗକୁ ଦୂର କରିବାର ପ୍ରୟାସ କରାଯାଉଛି । ତେଣୁ ପଞ୍ଚାୟତଗୁଡିକରେ ଥିବା ପୋଖରୀକୁ ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ନିଲାମ ଆକାରରେ ଦେଇ ମାଛ ଚାଷ ପାଇଁ ସବସିଡି ସହିତ ମାଛ ଯାଆଁଳ, ଖାଦ୍ୟ, ଔଷଧ ଆଦି ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଛି। କିଭଳି ଭାବେ ଚାଷ କରାଗଲେ ମାଛ କମ୍‌ଦିନ ମଧ୍ୟରେ ଅଧିକ ବଢିବେ ଓ ହିତାଧିକାରୀ ଅଧିକ ଲାଭବାନ ହୋଇପାରିବେ ସେ ନେଇ ମଙ୍ଗଳବାର ପ୍ରଶିକ୍ଷଣ ଦିଆଯାଇଥିଲା। ପୋଖରୀ ନିଲାମ ନେଇ ବଡ଼ ମାଛ ଚାଷ କରିବା ସହ ଛୋଟ ମାଛ ଚାଷ କରିବା ପାଇଁ ମଧ୍ୟ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ଏହି ପ୍ରଶିକ୍ଷଣ ଶିବିରକୁ ନୂଆଗାଁ ବିଡିଓ ଶିରିୟାଲ ଶୁଭ୍ର ପଟେଲ ଉଦ୍‌ଘାଟନ କରିଥିଲେ। ପୁରୀ ଜୋନ୍ ମତ୍ସ୍ୟ ଉପନିର୍ଦ୍ଦେଶକ ସୁବଳ ଚନ୍ଦ୍ର ମହାନ୍ତି , ମତ୍ସ୍ୟ ଅଧିକାରୀ ସ୍ୱୀକୃତି ସ୍ୱରୂପା ମିଶ୍ର, ଅତିରିକ୍ତ ମତ୍ସ୍ୟ ଅଧିକାରୀ ସବିତା ଦାଶ, ନୂଆଗାଁ ସହକାରୀ ମତ୍ସ୍ୟ ଅଧିକାରୀ ବିଜୟ କୁମାର ଦାଶ, ନୟାଗଡ ସହକାରୀ ମତ୍ସ୍ୟ ଅଧିକାରୀ ସୁନୀଲ କୁମାର ମହାନ୍ତି, କଟକ ବିଶ୍ୱ ମତ୍ସ୍ୟ ନୋଡାଲ ମ୍ୟାନେଜର କ୍ଷୀରୋଦ ନାୟକ, ମିଶନ ଶକ୍ତିର ଲିପ୍‌ସା ନନ୍ଦ, ନୂଆଗାଁ ମିଶନ ଶକ୍ତିର ଇନ୍ଦିରା ଷଡଙ୍ଗୀ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏଥିରେ ନୂଆଗାଁ ଓ ଦଶପଲ୍ଲା ବ୍ଲକର ୧୭ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି, ସମ୍ପାଦିକା, ପ୍ରାଣୀ ମିତ୍ର ଉପସ୍ଥିତ ଥିଲେ । ବୁଧବାର ମଧ୍ୟ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବା ସହ ଅଧିକାରୀମାନେ ପୋଖରୀଗୁଡିକ ବୁଲି ଦେଖିବେ। ସେଠାରେ ମଧ୍ୟ ପ୍ରଶିକ୍ଷଣ ଦିଆଯିବ ବୋଲି ନୂଆଗାଁ ସହକାରୀ ମତ୍ସ୍ୟ ଅଧିକାରୀ ଦାଶ ସୂଚନା ଦେଇଛନ୍ତି।

### ସୃଜନୀ ସାହିତ୍ୟ ସଂସଦର ବାର୍ଷିକ ସମାରୋହ

**ପୁରୀ ଅଫିସ, ୩୦।୭**

ସୃଜନୀ ସାହିତ୍ୟ ସଂସଦର ତୃତୀୟ ବାର୍ଷିକୋତ୍ସବ ସ୍ଥାନୀୟ ରାଣୀସତୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ପ୍ରଫେସର କାର୍ତ୍ତିକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବରିଷ୍ଠ ଗ୍ରନ୍ଥକାର ସତ୍ୟବ୍ରତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ, ସାହିତ୍ୟ ସମାଜର ଦର୍ପଣ ସଦୃଶ। ଏହାଦ୍ୱାରା ସମାଜର ବହୁବିଧ ଉନ୍ନତି ହୋଇପାରିବ। ମୁଖ୍ୟବକ୍ତା ଭାବେ ଭାଷାବିତ୍ ଡ.ହରପ୍ରସାଦ ମିଶ୍ର ଯୋଗଦେଇ ସୃଜନାତ୍ମକ ସାହିତ୍ୟ ରଚନା ପ୍ରତି ଗୁରୁତ୍ୱାରୋପ କରିଥିଲେ। ନିଜ ଆତ୍ମ ପ୍ରଚାରରେ ମଜ୍ଜି ନ ଯାଇ ଗଠନମୂଳକ କାର୍ଯ୍ୟରେ ମନୋନିବେଶ ଲାଗି ପରାମର୍ଶ ଦେଇଥିଲେ। ଶ୍ରୀରାମଚନ୍ଦ୍ର ଭଞ୍ଜ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ.ଅସୀମା ସାହୁ, କବୟିତ୍ରୀ ବିଜୟଲକ୍ଷ୍ମୀ ସାହୁ, ପ୍ରଫେସର ଅଭିମନ୍ୟୁ ଭୂୟାଁ, ସାହିତ୍ୟିକ ବଦ୍ରି ମିଶ୍ର, ଉପଦେଷ୍ଟା କବି କୃଷ୍ଣଚନ୍ଦ୍ର ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଶିକ୍ଷାବିତ୍ ପଦ୍ମିନୀ ଦାଶ ଓ ପ୍ରତିଭା ତ୍ରିପାଠୀଙ୍କୁ ସୃଜନୀ ସେବା, ତୃପ୍ତି ପଣ୍ଡାଙ୍କୁ ସୃଜନୀ ଜ୍ୟୋତିଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିକ୍ଷାବିତ୍ ପ୍ରଭାତ ଚନ୍ଦ୍ର ରଥ ଓ ସଂସଦର କାର୍ଯ୍ୟକାରୀ ସଭାପତି ଦୟାନିଧି ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ଜୟନ୍ତୀ ମହାପାତ୍ର, ଅଧ୍ୟାପକ ଡ.ବଳରାମ ଦାଶ, ପ୍ରତିମା ସୁଆର, ସୁବାସିନୀ ଶତପଥୀ ପ୍ରମୁଖ କବିତା ପାଠ କରିଥିଲେ। ଅନୁଷ୍ଠାନର ସମ୍ପାଦିକା ହେମାଙ୍ଗିନୀ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ।

## ସିଧାମୂଳା-ମହାନଦୀ ସେତୁ ଦେଇ ସରକାରୀ ବସ୍ ଚଳାଚଳ ଦାବି

### ଶ୍ରୀନୀଳମାଧବ ପୀଠକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ହୋଇଥାନ୍ତା

**ଖଣ୍ଡପଡ଼ା,୩୦।୭(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସିଧାମୂଳାଠାରେ ମହାନଦୀ ଉପରେ ସେତୁ ନିର୍ମାଣ ହୋଇସାରିଛି। ଏହି ସେତୁ ଦେଇ ବର୍ତ୍ତମାନ ଘରୋଇ ବସଗୁଡ଼ିକ ଯାତାୟାତ କରୁଥିଲେ ସୁଦ୍ଧା ଲୋକଙ୍କ ସୁବିଧା ଦୃଷ୍ଟିରୁ ସରକାରୀ ବସ୍ ଚଳାଚଳ ନିମନ୍ତେ ବିଭିନ୍ନ ମହଲରେ ଦାବି ହେଉଛି। ବର୍ତ୍ତମାନ ଏହି ରାସ୍ତା ଦେଇ ରାଜ୍ୟର ବିଭିନ୍ନ ଜିଲା ଯଥା କଟକ, ଅନୁଗୋଳ, ସମ୍ବଲପୁର ସଡ଼କ ପଥରେ ନୟାଗଡ଼, ଗଞ୍ଜାମ, ଫୁଲବାଣୀ ଓ କୋରାପୁଟ ଜିଲା ସହ ଯୋଗାଯୋଗ ବୃଦ୍ଧି ପାଉଛି। ଇତିମଧ୍ୟରେ ୪/୫ଟି ଦୂରଗାମୀ ଘରୋଇ ଯାତ୍ରୀବାହୀ ବସ କଟକ ଜିଲା ନରସିଂହପୁରରୁ ମହାନଦୀ ସେତୁ ଦେଇ ବ୍ରହ୍ମପୁର, ଦାମନଯୋଡି ଓ ଭୁବନେଶ୍ୱର ମଧ୍ୟରେ ଚଳାଚଳ ଆରମ୍ଭ କରିଛି। ଏହି ରାସ୍ତାରେ ଦୂରତ୍ୱ କମ୍ ଥିବା ଦୃଷ୍ଟିରୁ ଘରୋଇ ବସଗୁଡ଼ିକରେ ଅଧିକ ସଂଖ୍ୟକ ଯାତ୍ରୀ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଛନ୍ତି। ତେବେ ଯାତ୍ରୀମାନଙ୍କ ସୁବିଧା ଦୃଷ୍ଟିରୁ ସିଧାମୂଳା-ମହାନଦୀ ସେତୁ ଦେଇ ରାଜ୍ୟର ବିଭିନ୍ନସ୍ଥାନକୁ ଅଧିକ ସଂଖ୍ୟକ ସରକାରୀ ବସ ଚଳାଚଳ କରିବାକୁ ସାଧାରଣରେ ଦାବି ହେଉଛି । ଏପରିକି, ଅନୁଗୋଳ-ନରସିଂହପୁର-ନୟାଗଡ, ଅନୁଗୁଳ-ବ୍ରହ୍ମପୁର, ସମ୍ବଲପୁର-କଣ୍ଟିଲୋ-ନୟାଗଡ଼ ମଧ୍ୟରେ ବସ ଚଳାଚଳ ନିମନ୍ତେ ରାଜ୍ୟ ପରିବହନ ନିଗମ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଜନସାଧାରଣ ଦାବି କରୁଛନ୍ତି । ଏହାଦ୍ୱାରା ଓଡ଼ିଶା ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶା ରହିଛି। ସରକାରୀ ବସ ଚଳାଚଳ ଦ୍ୱାରା ପର୍ଯ୍ୟଟକମାନେ ଶ୍ରୀ ନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋ ଆସିବାକୁ ସୁବିଧା ଓ ସୁଲଭ ହୋଇପାରିଥାନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ରାଜ୍ୟ ପରିବହନ ବିଭାଗ, ବିଭାଗୀୟ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ଆହତ

**ଶଙ୍କରାଖୋଲ,୩୦।୭ (ଡି.ଏନ୍.ଏ)**

ଚକାପାଦ ବ୍ଲକ ପସରା ପଞ୍ଚାୟତର ଡେପସାହି ଗ୍ରାମରେ ମଙ୍ଗଳବାର ସକାଳେ ଫ୍ୟୁଜ୍ ବାନ୍ଧିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ଆହତ ହୋଇଛନ୍ତି। ସେ ହେଲେ ରମେଶ କହଁର (୨୦)। ତାଙ୍କୁ ଗ୍ରାମବାସୀ ଓ ପରିବାର ଲୋକେ ଉଦ୍ଧାର କରି ବ୍ରାହ୍ମଣପାଦ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରକାଶ ଯେ, ଡେପସାହି ଗ୍ରାମରେ ସକାଳୁ ବିଦ୍ୟୁତ କଟିଯାଇଥିବା ବେଳେ ସେହି ଗ୍ରାମର ଯୁବକ ରମେଶ ଟ୍ରାନ୍ସଫର୍ମର ନିକଟକୁ ଯାଇ ଫ୍ୟୁଜ୍ ପକାଉଥିବା ବେଳେ ସେହି ସମୟରେ ହଠାତ୍ ବିଦ୍ୟୁତ ସରବରାହ ହେବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତାଙ୍କର ଡାହାଣ ହାତ ପୋଡ଼ି ଯାଇ ତଳେ ପଡ଼ିଯାଇଥିଲେ।

## ରାଜସ୍ୱ ବଙ୍ଗଳା ପାଲଟିଛି ଭୂତକୋଠି

### ମରାମତି, ପୁନଃ କାର୍ଯ୍ୟକ୍ଷମ ନିମନ୍ତେ ଦାବି

**ଖଣ୍ଡପଡ଼ା,୩୦।୭(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରଠାରୁ ଅନତି ଦୂରସ୍ଥିତ ରାଜସ୍ୱ ବିଭାଗର ଡାକ ବଙ୍ଗଳା ଏବେ ରକ୍ଷଣାବେକ୍ଷଣ ଅଭାବରୁ ଭୂତକୋଠିରେ ପରିଣତ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଦୀର୍ଘ ୭୦ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ଖଣ୍ଡପଡ଼ା-ନୟାଗଡ଼ ପୂର୍ତ୍ତ ବିଭାଗ ମୁଖ୍ୟରାସ୍ତା ପାର୍ଶ୍ୱରେ ଅବସ୍ଥିତ ଏହି ବଙ୍ଗଳାଟି ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବାରୁ ପର୍ଯ୍ୟଟକ ଓ ସାଧାରଣଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଭାପୁର ତହସିଲ ଅଧୀନ ବାଘୁଆପଲ୍ଲୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉକ୍ତ ବଙ୍ଗଳାରେ ଦୀର୍ଘବର୍ଷଧରି କାର୍ଯ୍ୟ କରୁଥିଲା। ମାତ୍ର ପରବର୍ତ୍ତୀ ସମୟରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନୂତନ ଗୃହକୁ ସ୍ଥାନାନ୍ତରିତ ହେବା ପରେ ବଙ୍ଗଳାଟିରେ ତାଲା ଝୁଲାଇ ଦିଆଗଲା । ଏବେ ଅନାବନା ଗଛଲତାରେ ପୂର୍ଣ୍ଣ କୋଠାଟି ସରୀସୃପଙ୍କ ଆସ୍ଥାସ୍ଥଳୀ ପାଲଟିଛି। ଉଲ୍ଲେଖଯୋଗ୍ୟ, ଅତୀତରେ ରାଜ୍ୟ ସରକାରଙ୍କ ପଦସ୍ଥ ଅଧିକାରୀ ଓ ପର୍ଯ୍ୟଟକମାନେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଜଙ୍ଗଲ ପରିବେଶ ମଧ୍ୟରେ ଥିବା ବଙ୍ଗଳାରେ ରାତ୍ରଯାପନ କରୁଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ କୋଠାଟି ଧୀରେ ଧୀରେ ଭାଙ୍ଗିରୁଜି ଯିବାବେଳେ ଏହାର ମରାମତି କରାଯାଇ ନ ଥିଲା। ବଙ୍ଗଳା ସମ୍ମୁଖସ୍ଥ ନଳକୂପଟି ଗଛଲତା ମଧ୍ୟରେ ଏବେ ଅଚଳ ଅବସ୍ଥାରେ ପଡ଼ିରହିଛି। ଉକ୍ତ ରାସ୍ତାଦେଇ ଜିଲାପାଳଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ପଦସ୍ଥ ଅଧିକାରୀମାନେ ଯାତାୟାତ କରୁଥିଲେ ମଧ୍ୟ ବଙ୍ଗଳାଟି ପ୍ରତି କାହାର ଦୃଷ୍ଟି ପଡ଼ିବା ଦୁର୍ଭାଗ୍ୟଜନକ ବୋଲି ଲୋକେ କହୁଛନ୍ତି। ପ୍ରଶାସନିକ ଉଦାସୀନତା ଓ ଅବହେଳା ଯୋଗୁ ସୁନ୍ଦର ବଙ୍ଗଳାଟି ଏବେ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ଯାଉଛି। ତେଣୁ ରାଜସ୍ୱ ବିଭାଗ ପକ୍ଷରୁ ଏହାକୁ ମରାମତି କରି ପୁନଃ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।



ପରିତ୍ୟକ୍ତ ଅବସ୍ଥାରେ ଡାକ ବଙ୍ଗଳା।

## ବ୍ରାଉନ୍‌ସୁଗାର କବଳରେ ରଣପୁର

**ରଣପୁର,୩୦।୭(ସ୍ୱ.ପ୍ର.)**

- ୨ ଜଣଙ୍କ ମୃତ୍ୟୁ ସତ୍ତ୍ୱେ ପ୍ରଶାସନର ପଶୁନି ଚେତା
- ପ୍ରତିଶ୍ରୁତି ମଧ୍ୟରେ ଏସ୍‌ପିଙ୍କ ତଦନ୍ତ, କାର୍ଯ୍ୟାନୁଷ୍ଠାନ
- ଅବକାରୀ ବିଭାଗ ନୀରବ

ବ୍ରାଉନ୍‌ସୁଗାର (ଧଳାଜହର) ଭଳି ଭୟଙ୍କର ନିଶା କବଳରେ ଏବେ ରଣପୁର ବ୍ଲକ ରହିଥିବା ନେଇ ବିଭିନ୍ନ ମହଲରେ କୁହାଯାଉଛି। ରାଜସୁନାଖଳା, ରଣପୁର, ଚାନ୍ଦପୁର ଅଞ୍ଚଳରେ ବ୍ରାଉନ୍‌ସୁଗାର କାରବାର ବଢ଼ି ଚାଲିଛି। ସ୍ଥାନୀୟ ଲୋକଙ୍କ ମତରେ ଉକ୍ତ ନିଶା କାରବାରର ପେଣ୍ଠସ୍ଥଳୀ ପାଲଟିଛି ନୟାଗଡ ଜିଲାର ଏହି ବ୍ଲକ। କିଛି ମାସ ତଳେ ବ୍ରାଉନ୍‌ସୁଗାର ଖାଇ ରାଜସୁନାଖଳା ଅଞ୍ଚଳରେ ୨ ଯୁବକଙ୍କ ମୃତ୍ୟୁ ଅଭିଯୋଗ ସତ୍ତ୍ୱେ ତଦନ୍ତ ନ ହେବା ଓ ପ୍ରଶାସନର ଏଥିପ୍ରତି ଚେତା ନ ପଶିବା ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତଦନ୍ତ ନିମନ୍ତେ ଏସ୍‌ପିଙ୍କ ପ୍ରତିଶ୍ରୁତି ମଧ୍ୟ ପାଣିରେ ଗାର ପାଲଟିଛି।

ସୂଚନାଯୋଗ୍ୟ, ଗତ ୪ ଦିନ ତଳେ ରଣପୁର ଥାନା ପୋଲିସ ଜଣେ ଯୁବକଠାରୁ ବ୍ରାଉନ୍‌ସୁଗାରରେ ବ୍ୟବହୃତ କାଗଜ ପୁଡ଼ିଆ ଜବତ କରିଥିଲା। ତାଙ୍କୁ ଛାଡି ଦେବା ଘଟଣା ସାଧାରଣରେ ପୋଲିସର କାର୍ଯ୍ୟକଳାପକୁ ସନ୍ଦେହ ଘେର ମଧ୍ୟକୁ ଟାଣିଆଣିଛି । ଖୋର୍ଦ୍ଧା ଜିଲା ସଦର ମହକୁମାରେ ଛୋଟା ନାମକ ଜଣେ ବ୍ୟବସାୟୀଙ୍କଠାରୁ ରଣପୁର ଅଞ୍ଚଳର ୩ ଜଣ ବ୍ୟବସାୟୀ ବ୍ରାଉନ୍‌ସୁଗାର ଆଣି ବ୍ୟବସାୟ କରୁଥିଲେ । ଏମାନେ ରଣପୁର, ସୁନାଖଳା ଓ ଚାନ୍ଦପୁରରେ ୧୦ ଜଣ ଲେଖାଏ ଯୁବକଙ୍କୁ ସମ୍ପୃକ୍ତ କରି ବେପାର କରୁଥିଲେ। ତେବେ ଖୋର୍ଦ୍ଧାରେ ଛୋଟା ଧରା ପଡିବା ପରେ ଅଧିକାଂଶ ବ୍ରାଉନସୁଗାର ବ୍ୟବସାୟୀ ରଣପୁର ମୁହାଁ ହୋଇଥିବା ଜଣାପଡ଼ିଛି। ଏବେ କିଛି ବ୍ୟବସାୟୀ ଦର୍ପନାରାୟଣପୁର ଅଞ୍ଚଳକୁ ଟାର୍ଗେଟ କରି ସାରିଛନ୍ତି। ଏ ପରିସ୍ଥିତିରେ ପୋଲିସ ଓ ଅବକାରୀ ବିଭାଗର କେତେଜଣ କର୍ମଚାରୀ ପ୍ରତିମାସରେ ଚାନ୍ଦା ପାଇ ପଦକ୍ଷେପ ଗ୍ରହଣ ନ କରିବାରୁ ଅବାଧରେ ନିଶା କାରବାର ବୃଦ୍ଧି ପାଉଥିବା ସାଧାରଣରେ ଅଭିଯୋଗ ହେଉଛି। ବ୍ରାଉନ୍‌ସୁଗାର ଖାଇ ମୃତ୍ୟୁ ହେବା ଘଟଣା ନେଇ ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ଅବକାରୀ ବିଭାଗ, ପୋଲିସକୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳିପାରିନି। ଅନ୍ଧବିଶ୍ୱାସ, ଗୁଣିଗାରେଡ଼ି ଉପରେ ବିଶ୍ୱାସ ନ କରିବା ପାଇଁ ପୋଲିସ ପକ୍ଷରୁ ସୁନାଖଳା ପଞ୍ଚାୟତସ୍ଥ କୋଟଗଡ଼ଠାରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। କିନ୍ତୁ ଏସ୍‌ପିଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଓ ତଦନ୍ତର ଅଭାବ ଯୋଗୁ ବ୍ରାଉନସୁଗାର କାରବାର ବଢ଼ି ଚାଲିଛି। ।

ଏ ସମ୍ପର୍କରେ ଜଣେ ଯୁବକ ନିଜ ନାମ ଗୋପନ ରଖି କହିଛନ୍ତି ପୋଲିସ ଓ ଅବକାରୀ ବିଭାଗ ଲାଞ୍ଚ ନେଉଥିବାରୁ ଚଢ଼ାଉ କରୁନାହାନ୍ତି। ରଣପୁର ବଜାର ଓ ମଣିନାଗ ପୀଠ ଅଞ୍ଚଳରେ ଏହି ବେପାର ଖୁଲମଖୁଲା ଚାଲୁଛି। ଗୋଟିଏ ପ୍ୟାକେଟ୍‌କୁ ୩୨୦ ଟଙ୍କାରେ ବିକ୍ରି କରାଯାଉଛି । ରଣପୁର ଓ ଏହାର ଆଖପାଖ ଅଞ୍ଚଳରେ କାୟାବିସ୍ତାର କରିଥିବା ଏହି ବେଆଇନ ନିଶା କାରବାର ପ୍ରତି ଯଦି ଜିଲା ପ୍ରଶାସନ ପକ୍ଷରୁ ତତ୍ପରତାପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ଆଗାମୀ ଦିନରେ ବହୁ ଶିକ୍ଷିତ ଯୁବଗୋଷ୍ଠୀ ଏଥିରେ ସାମିଲ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏ ସମ୍ପର୍କରେ ଏସ୍‌ପି ଶଶୀଭୂଷଣ ଶତପଥୀଙ୍କୁ ପଚାରିବାରୁ ସେ କହିଥିଲେ, ରଣପୁର ଅଞ୍ଚଳରେ ଏହି କାରବାର ହେଉଥିବା ଆମ ନଜରରେ ଅଛି । ପୋଲିସ ତରଫରୁ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।